Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୪୩
Volum. - 21 ■ Issue No.- 43
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୯ ସେପ୍ଟେମ୍ବର - ୨୫ ସେପ୍ଟେମ୍ବର ୨୦୨୧ / 19 Sep - 25 Sep. 2021 / Odia Weekly / 8 Pages / Rs.2/- only

## ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାରୁ ୨ଲକ୍ଷ ଟଙ୍କା ଲୁଟିଲେ ଲୁଟେରା : ତଦନ୍ତ ଚାଲିଛି



ସଇଁତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବିଇଓ କାର୍ଯ୍ୟାଳୟ ସମ୍ମାରୁ ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ୨ ଲକ୍ଷ ଟଙ୍କା ଦୁର୍ବୃତ୍ତ ମାନେ ଝାମ୍ପି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।

ସୂଚନା ମତେ ସିଙ୍ଗବାହାଲି (ଭୁଏରପଡା) ଶିକ୍ଷୟିତ୍ରୀ ସସ୍ମିତା ତାଣ୍ଡି ଆଜି ଘରର କିଛି କାମ ପାଇଁ ସଇଁତଲା ବ୍ୟାଙ୍କକୁ ୨ ଲକ୍ଷ ଟଙ୍କା ଉଠାଇ ପାଇଁ ଆସିଥିଲେ । ଟଙ୍କା ଉଠାଇବା ପରେ କିଛି କାମ ପାଇଁ ବିଇଓଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଶିକ୍ଷୟିତ୍ରୀ ସସ୍ମିତା ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଠିଆ ହୋଇଥିବା ବେଳେ ଡାକ୍ତରଖାନା ପଟରୁ ଜଣେ ଯୁବକ ଆସି ତାଙ୍କର ଭେଣ୍ଟି ବ୍ୟାଗ୍ ଛଡାଇ ନେଇ ତାର ସହଯୋଗୀ ସହିତ ଫେରାର୍ ହେବାରେ ସଫଳ ହେଇଛି । ସେହି ବ୍ୟାଗରେ ୨ ଲକ୍ଷ ଟଙ୍କା ସହିତ ଏକ ମୋବାଇଲ ରହିଥିବା ଜଣାପଡିଛି । ତେବେ ଘଟଣା ସମ୍ପର୍କରେ ଖବର ପାଇବା ପରେ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ସିସି ଟିଭି ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି ।

## ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳଙ୍କ ଦେଓଗାଁ ବ୍ଲକ ପରିଦର୍ଶନ : ଛେଳି କ୍ଲଷ୍ଟର, ଛତୁ ଓ ମାଛ ଚାଷ ସହ ବହୁ କାମରେ ତଦାରଖ କଲେ

ଦେଓଗାଁ, (ନିପ୍ର) : ଶୁକ୍ରବାର ୧୦ଟା ସମୟରେ ଓଡିଶା ସରକାରଙ୍କ ଶକ୍ତି ସଚିବ ନିକୁଞ୍ଜ ଧଳ ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତର ଘୁଚିପାଲି ଓ ରତନପୁର ଗାଁକୁ ପରିଦର୍ଶନରେ ଆସିଥିଲେ । ଗାଁରେ ଚାଲିଥିବା ଜୀବନ ଜୀବିକା କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଓଡିଶା ଜୀବିକା ମିଶନ ଦ୍ୱାରା ଆରମ୍ଭ କରାଯାଇଥିବା ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ । ଆଖପାଖ ଗାଁର ଲୋକମାନେ କିପରି ସୁବିଧା ସୁଯୋଗ ପାଉଛନ୍ତି ସେ ଉପରେ ବିସି ଏଜେଣ୍ଟ ଭାରତୀ ମଲ୍ଲିକଙ୍କୁ ପଚାରି ବୁଝିଥିଲେ । ରତନପୁର ଗାଁରେ ଥିବା ଛେଳି କ୍ଲଷ୍ଟର ପରିଦର୍ଶନ କରି ସ୍ୱୟଂ ସହାୟକ ଦଳର ମହିଳାମାନେ ବର୍ଷକୁ କେତେ ଆୟ କରୁଛନ୍ତି ସେହି ବିଷୟରେ ପଚାରିଥିଲେ । ମା' ସନ୍ତୋଷୀ ସ୍ୱୟଂ ସହାୟକ ଦଳର ଛତୁ ଚାଷ ପରିଦର୍ଶନ କରିଥିଲେ । ଗୋଦାବରୀ ଉତ୍ପାଦକ ଦଳର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ସଂରକ୍ଷଣ ବିଷୟରେ ପଚାରିଥିଲେ । ମା' ତାରିଣୀ ସ୍ୱୟଂ ସହାୟକ ଦଳର ମାଛ ଚାଷ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ ବଲାଙ୍ଗିର, ଜିଲ୍ଲା ପ୍ରକଳ୍ପ ପରିଚାଳକ କମଳେନ୍ଦୁ ପଲ, କୈଳାଶ ସାହୁ, ବ୍ଲକ ଅଧକ୍ଷା ରୀନା ମେହେର, ବିଡିଓ ମୁରଳୀଧର ନାଏକ, ବିପିଏମ ପ୍ରଦୀପ ଛତ୍ରିଆ ଓ ଓଡିଶା ଜିବୀକା ମିଶନ ଓ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।





## ନୃସିଂହନାଥ ରେଂଜ୍‌ରେ ହାତୀ ଉପଦ୍ରବ : ବ୍ୟାପକ ଫସଲ ନଷ୍ଟ



ପଦ୍ମପୁର, (ନିପ୍ର) : ବରଗଡ ଜିଲ୍ଲା ଉପଖଣ୍ଡ ପଦ୍ମପୁର ନୃସିଂହନାଥ ରେଂଜରେ ହାତୀ ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ଅଂଚଳବାସୀ ମାନେ ମଧ ଆତଙ୍କିତ ହୋଇପଡିଥିବା ଜଣାପଡିଛି । ବିଗତ ତିନିଦିନ ଧରି ସ୍ଥାନୀୟ ଅଂଚଳରେ ଦୁଇଦୁଇଟି ହାତୀ ଆତଙ୍କ ଖେଳାଇଥିବା ସୂଚନା ରହିଛି । ଅନ୍ୟପଟେ ବର୍ଷା ଓ ମରୁଡି ଭଳି ଦୁଇଟି ପ୍ରାକୃତିକ ପରିବର୍ତ୍ତନରେ ଜର୍ଜରିତ ହୋଇ ବରଗଡ ଜିଲ୍ଲା ବାସିନ୍ଦା ବହୁ କଷ୍ଟରେ ଧାନ ଫସଲ କରିବାରେ ସକ୍ଷମ ହୋଇଥିଲେ । ହେଲେ ଫସଲ ଖାଇବା ସହ ବିଲକୁ ଆସି ହାତୀମାନେ ବ୍ୟାପକ ଫସଲ ନଷ୍ଟ କରିଥିବା ଜଣାପଡିଛି ।

ଏନେଇ ବନ ବିଭାଗ ଲୋକଙ୍କୁ ସତର୍କ କରିଛି । ଅନ୍ୟପଟେ ହାତୀଙ୍କୁ ନେଇ ବନ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

## ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ପ୍ରତିବର୍ଷ ଚାଷୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ

ଡେଲାଙ୍ଗ, (ନିପ୍ର) : ସଦ୍ୟ ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଡେଲାଙ୍ଗ ଅଞ୍ଚଳର ଚାଷଜମି ଜଳାର୍ଣ୍ଣବ ଓ ବର୍ଷାଜଳ ନିଷ୍କାସନ ହୋଇନପାରି ହଜାର ହଜାର ଏକର ଚାଷଜମି ଜଳବନ୍ଦୀ ଅବସ୍ଥାରେ ଥିବା ସୂଚନା ମିଳିଛି ।



ସୂଚନା ଅନୁସାରେ ଡେଲାଙ୍ଗ-କଣାସ ମୁଖ୍ୟ ରାସ୍ତାର ଲୁଣା ନଦୀକୁ ସଂଯୋଗ କରୁଥିବା ମୁନିନ୍ଦା ଖଲାସି ନାଳ ମୁହାଁଣରେ କଲିକତି ଦଳ, ବେଣାବୁଦା, ଅମରି ଜାମ କରିବା ସହ ପ୍ରାୟ ଏକ କିଲୋମିଟର ବ୍ୟାପି ଜମି ରହିବା ଫଳରେ ବର୍ଷାଜଳ ନିଷ୍କାସନ ହୋଇନ ପାରି ସାଉରିଆ, ଘନିପୁର, କଲ୍ୟାଣପୁର, ଡେଲାଙ୍ଗ-କୋଠବାଡ, ମୁନିନ୍ଦା, ଧାନକେରା ଆଦି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ଜଳାର୍ଣ୍ଣବ ହୋଇପଡିଛି । ଏହି କଲିକତି ଦଳକୁ ସଫା କରିବାରେ ସ୍ଥାନୀୟ ପ୍ରଶାସନ ଓ ଡ୍ରେନେଜ୍ ବିଭାଗର ଅବହେଳା, ଆନ୍ତରିକତା ଅଭାବ ହେତୁ ପ୍ରତିବର୍ଷ ଚାଷୀକୁଳ ମେରୁଦଣ୍ଡ ଭାଙ୍ଗି ଦେଉଛି । ଏବେ ସୁଧା ଚାଷଜମିରେ ୩ ଫୁଟ ଉଚ୍ଚରେ ବର୍ଷା ଜଳ ଜମି ରହିବାରୁ ଚଳିତ ବର୍ଷ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସୂଚନା ମିଳିଛି । କଲିକତି ଦଳ ଚାଷୀଙ୍କ କାଳ ହୋଇଛି । ବର୍ଷାଜଳ ନିଷ୍କାସନ କରିବାକୁ ହେଲେ ପ୍ରଥମେ କଲିକତି ଦଳ, ବେଣାବୁଦା, ଅମରିକୁ ସଫା କରାଗଲେ ଡେଲାଙ୍ଗର ବ୍ୟାପକ ଚାଷଜମି ଜଳବନ୍ଦିରୁ ମୁକ୍ତି ପାଇବ ବୋଲି ମତ ପ୍ରକାଶ ପାଉଛି । ପୂର୍ବରୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ସୁଫଳ ହେଉନାହିଁ ବୋଲି ଅଭିଯୋଗ ହେଉଛି । ଚାଷୀକୁଳର ସୁରକ୍ଷା ଓ ସେମାନଙ୍କର ଜୀବନଜୀବିକା ବିକାଶ ଧାରର ଉନ୍ନତି ନିମନ୍ତେ, ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷ୍ୟରୁ ଯୁବ ସମାଜସେବୀ ଦିଲ୍ଲିପ କୁମାର ଧାଉଡିଆ ଦାବୀ ଜଣାଇଛନ୍ତି ।

## ଦୁବାଇ-ୟୁଏଇରେ ନୂଆଁଖାଇ ଭେଟଘାଟର ସ୍ୱତନ୍ତ୍ର ଆୟୋଜନ

ବଲାଙ୍ଗିର, (ନିପ୍ର) : ଦୁବାଇ-ୟୁଏଇ ମଧ୍ୟରେ ଚଳିତ ବର୍ଷ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ୨୦୨୧ କୋଭିଡ-୧୯ ନିୟମାନୁସାରେ ଏକ ଭିନ୍ନ ସ୍ୱତନ୍ତ୍ରତା ମଧ୍ୟରେ କୋଇଲା ଲଞ୍ଜୈଷ ଠାରେ ଆୟୋଜନ କରାଯାଇଥିଲା ଯେଉଁଠି ପ୍ରାୟତଃ ଏକ ଶହରୁ ଉର୍ଦ୍ଧ୍ୱ ପଶ୍ଚିମ ଓଡିଶାର ପରିବାର ସମୂହ ଯେଉଁମାନେ ଦୁବାଇରେ ରହି ବିଭିନ୍ନ ବ୍ୟବସାୟ ଓ କମ୍ପାନୀ ମାନଙ୍କରେ କର୍ଯ୍ୟରତ ଅଛନ୍ତି ସେମାନେ ନିଜର ସଦିଚ୍ଛା ମୁତାବକ ଏହି ବିଶିଷ୍ଟ ନୂଆଁଖାଇ ଭେଟଘାଟକୁ ମା'ସମଲେଶ୍ୱରୀଙ୍କ ସମ୍ମୁଖରେ ଆଳତୀର



ଆୟୋଜନ କରାଇ ଇଷ୍ଟଦେବୀଙ୍କୁ ନୂଆଁ ଲଗେଇଥିଲେ । ଉପରୋକ୍ତ ଉତ୍ସବରେ ପଶ୍ଚିମ ଓଡିଶାର ପାରମ୍ପରିକ ବସ୍ତ୍ର ପରିଧାନ କରିବା ବିଶେଷତ୍ୱ କ୍ରମେ ମହିଳାମାନଙ୍କର ସମ୍ବଲପୁରୀ ଶାଢୀ, ପାଟ ଓ ପୁରୁଷ ଏବଂ ଶିଶୁ ମାନଙ୍କ ପୋଷାକ ବେଶ ଆକର୍ଷଣ ଥିଲା । ଏହାଛଡା ପଶ୍ଚିମ ଓଡିଶାର ଲୋକ ନୃତ୍ୟ, ସଂଗୀତ ଓ କବିତା ପାଠୋତ୍ସବ ପରିବେଷଣ ଏହି ମାହୋଲକୁ ଆହୁରି ରଙ୍ଗାଇତ କରାଇଥିଲା । ଏହି ବିଶେଷ ପର୍ବ ସମାରୋହରେ ଦୁବାଇ ନୂଆଁଖାଇ ପରିବାର ତରଫରୁ ବ୍ରାଜିଲ ଦେଶରୁ ସ୍ୱତନ୍ତ୍ର ଅତିଥି ଗ୍ରାବିଓଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ପଶ୍ଚିମ ଓଡିଶାର ବିଶିଷ୍ଟ ଅତିଥି ମାନଙ୍କର ଶୁଭେଚ୍ଛା ଓ ମତାମତକୁ 'ଭିଡିଓ ଡିଜିଟାଲ ସୋ' ମାଧ୍ୟମରେ ପରିବେଷଣ କରାଯାଇଥିଲା ଓ କିଛି ପ୍ରତିଯୋଗିତା ମାନଙ୍କ ଓ ଅତିଥି ମାନଂକୁ ନୂଆଁଖାଇ ମଞ୍ଚରେ ସମ୍ମାନିତ କରାଯାଇଥିଲା । ନୂଆଁଖାଇ ସମାରୋହ କୋଭିଡ ମହାମାରୀ ପାଇଁ ଦୁଇ ବର୍ଷ ଅନ୍ତରରେ ପାଳନ କରାଯିବା ଦୁବାଇ ନୂଆଁଖାଇ ପରିବାର ପାଇଁ ଏକ ସ୍ୱତନ୍ତ୍ର ଚ୍ୟାଲେଞ୍ଜ ଥିଲା ବୋଲି ଆୟୋଜକ ଶ୍ରୀମତୀ ଚିନ୍ମୟୀ ବେହେରା ଜଣାଇଛନ୍ତି ଓ ଏହା ଆସନ୍ତା ଦିନରେ ଆହୁରି ଧୂମ୍‌ଧାମ୍ ସହିତ ପାଳନ କରାଯିବ ବୋଲି ସଭ୍ୟ ସମୂହ ଜଣାଇଛନ୍ତି ।

# ତାଲ୍ ଗଛ୍ ଛିନୁ କନ୍ଧ

**ଚତୁର୍ଭୁଜ ସାଆନ୍ତ**



କନ୍ଧ ଜାତି କୋଶଲ୍ ଫାଲର୍ ଗୁଟେ ମୁର୍‌ଧାନି ଜାଏତ୍ ଆଏ । ଇମାନେ ଆଦିମ୍ ଜନ୍ ଗୋଷ୍ଠୀ । ସୁରୁଷ୍ଟି ସିର୍‌ଜିନା ଠାନୁ ପହେଲା କରି କନ୍ଧମାନେ ମାଁ ମାଏଟ୍ କେ ପୂଜାଧଜା କଲେ । ମାଏଟ୍ କେ ସନ୍‌ମାନ୍ ଦେବାର ବେଭାର୍ ଆଦିମ ଜନଗୋଷ୍ଠୀର୍ ଠାନୁ ଏକା ଆଏଲା । ମାଁ ମାଏୟକେ ତାକର ଗୁର୍‌ଦେ ସଉକି ଆର୍ ଭକ୍ତି । କନ୍ଧ ମାଏଟ୍ କେ ଏକା ବିଶ୍ୱାସ୍ କର୍‌ସି । କଥା ନେ ଅଛେ – "କନ୍ଧର ଯେ ମାଏଟ୍, ଗଁଡ଼ର୍ ଯେ ରାଏଜ୍" । କନ୍ଧେ ହେଲେ ମାତୃଶକ୍ତି ଉପାସନାର୍ ମୁନ୍ଦଲ୍ । ଝାର୍ ପତ୍‌ରା, ଡଙ୍ଗର ପରବତ୍, ନଏଦ୍ ନଲିଆ, ଗଛ୍ ଖୁଟ୍, ପଖନ୍ କେ ଦେ ଦେବ୍‌ତା ଭାବି କରି ପୂଜା କଲେ । ଧର୍‌ତନୀ ମାଁ କେ ମୁଲ ଦେବ୍‌ତା ହିସାବେ ମାନ୍‌ଲେ । ସଚରାଚର ଯା'ର୍ ନୁଁ ଯାହା ପାଏଲେ ତାକେ ପୂଜା କଲେ । ପ୍ରକୃତି ମୁନୁଷ୍ କେ ପରିପାଲିତ୍ କଲା ବଲି କନ୍ଧମାନେ ପ୍ରକୃତି କେ ଦେବ୍‌ତାର ଠାନ୍ ଦେଲେ । କନ୍ଧ ହେଲା ମୁନୁଷ୍ ସଭ୍ୟତାର୍ ପରୁହାଁ ପରାନୀ, ଯେ ପ୍ରକୃତିର୍ ପୁଝାରୀ ।

କନ୍ଧମାନେ ଜଡ୍ ଠାନୁ ଚେତନାର ଲୁଭ୍‌ଲୁଭିଆ ଈଶ୍ୱରୀୟ ଭାବ୍‌ଟେ ପର୍‌ଥମେ ଠଅଁକାଲେ । ଧର୍‌ତୀ ମାଁ ତ' ଜଡ୍ । ଜଡ୍‌ରୁ ଜଡ଼େନ୍ ବା ଜାଡ଼ନ୍, ଜାଡ଼େନ୍ । କନ୍ଧର ଇଷ୍ଟଦେବୀ 'ଜଡ଼େନ୍' । ଜଡ଼ ବଏଲେ ଯେ କିଛି ନାଇଁ ଶୁନେ କି କିଛୁ ନାଇଁ କହିପାରେ । ତାକେ ଯେନ୍ତା କଲେ ଭିଲ୍ କାହାକେ ନାଇଁ ଦିଶେ, କି ଆପତ୍ତି ନାଇଁ କରେ । ସେ ଏକା ମାଁ ଧର୍‌ନୀ, ଧର୍‌ତନୀ, ଧରିତ୍ରୀ । ମହା ଚେତନାର ଶକ୍ତି ବଏଲେ ମାହାପୁରୁ ପରଂବ୍ରହ୍ମ । ମୁନୁଷ କେ ଗୁଟେ ଆକାର (ପ୍ରତିମା) କି ଚିନ୍‌ହା ହେଲେ ଯାଇ ତାର ଭକ୍ତି କି ପୂଜା କରି ପାର୍‌ସି । ମାରତ୍‌କ ଆଦିମ୍ କନ୍ଧମାନେ ମହା ଚେତନତାର ଶୁଇନ୍ ଶକ୍ତି କେ ପହେଲ୍ କରି ଅନୁମାନ୍ କଲେ ଆର୍ ଆର୍‌ଧନା ବି କଲେ । ପଛେକା ଯାଇ ଧର୍‌ନୀ ଖୁଟା ଥାପ୍‌ନା କରିଛନ୍ । କନ୍ଧମାନେ ମହାଚେତନା ଶକ୍ତି ଥି ଭିଜି ଗଲେ । ମାଁ ଶବଦ୍ କନ୍ଧର ସାର୍ ଆଏ । ଏନ୍‌ରାଁ (ପୁରୁଷ) ଦେବ୍‌ତା ହଉ କି ମାଇ (ସ୍ତ୍ରୀ) ଦେବୀ ହଉ ସବ୍‌କେ ମାଁ' ସମ୍ବୋଧନ କରି ଡାକ୍‌ଲା । କନ୍ଧ ବୁଝିଥିସି 'ମାଁ' ହେଲା କ୍ଷେମାର୍ ଦେବୀ । ଭୁଲଚୁକ୍ ହେଲେ ସମ୍ଭାଲି ନେବା । ସେଟା ଯାହା ବି ହଉ ମାତୃଶକ୍ତି ହିସାବେ କନ୍ଧମାନେ ଭକ୍ତିର୍ ଭାବ୍ ନେଇ ଉପାସ୍ ପାତି କରି ଗୁଟେ ନିଆରା ରିକ୍‌ମା ସିର୍‌ଜିନା କଲେ ।

ଇଥିର ଗୁଟେ ଗଖା ପ୍ରସିଦ୍ଧ କନ୍ଧ ମିଥ୍ ବି ଅଛେ । ସୃଷ୍ଟି ସିର୍‌ଜିନା ହେଲା କେ ଆଦିମ୍ ମୁନୁଷ୍ ଗୁଟେ ଭେଲି ଥି ରହୁଥିଲା । ଖାଏବାର୍, ପିବାର୍, ଜୀବନ୍ ଜୀଁବାର୍ କରମ୍ ଶିଖି ଶିଖି ଆଏଲା ଉତ୍‌ରୁ ଆରଣ୍ୟକ ସଭ୍ୟତା ନୁଁ ଜନପଦ୍, ନଗର ସଭ୍ୟତା ଆଡ଼କେ ମୁହାଁବାର ଆଘୋ ନୁଁ ସବ୍ ଆଦିମ୍ (ଆଦିବାସୀ) ମୁନୁଷ୍ ଗୁଟେ ଗୁହୁଡ଼ା ହେଇ ଚଲୁଥିଲେ । ହେତେବେଲେ ଜାଏତ୍ ପାଏତ୍ କିଛି ବଲି କିଛି ନାଇଁଥାଇ । ଲୁକେ ଡଙ୍ଗର ଖୁଲେ ଗୁଟେ ଭେଲି ରୁଁଡ଼ପଁଡ଼ ହେଇ ରହୁଥିଲେ । ବନେ ଗୁର୍‌ଦେ ପଛେକା ଆଦିମ୍ ଜନ ଗୋଷ୍ଠୀ ଭିତ୍‌ରେ ସେମନକର୍ ଚାଲିଚଲନ୍, ଆଚର୍ ବେଭାର୍, ଜୀବନ୍ ଧାରନ୍‌ର ଧାରା କେ ନେଇ ତାକର ତାକର ଭିତରେ ବିଭାଗୀକରନ୍ ହେଇ ଜାଏତ୍ ସୃଷ୍ଟି ହେଇଛେ । ସେନେ ମୁଖିଆ ଥିଲା କନ୍ଧ । ମୁନୁଷପନ୍ କେ ଉଖିବାର କାଜେ ଲୁକେ ଧରମ୍ କେ ଆଶ୍ରା କଲେ । ଧରମ୍ ବଏଲେ ଉଦ୍‌ଲା ବେଲ୍‌କେ ବୁଝୁଥିଲେ ସେତେବେଲେ । ସୂରୁଯ କେ ମୂଳ୍ ଦିନୁଁ ଧରମ୍ ଦେବ୍‌ତା କୁହାହେସି ।

ଫି' ଦିନ ସବୁ କନ୍ଧ ଠୋଲ୍ ହେଇ ଧରମ୍ ଦେବ୍‌ତା କେ ଠିକ୍ ଉଦ୍‌ଲା ବେଲ୍‌କେ ଦର୍‌ଶନ୍ କରୁଥିଲେ । ଦିନେକା କନ୍ଧମାନେ ପରବତ୍ ଖୋଲ୍ ମୁହେଁ ଉଦ୍‌ଲା ବେଲ୍‌କେ ଦର୍‌ଶନ୍ କଲା ବେଲେ ଆକାଶେ ବିଜ୍‌ଲି ମାରି ମେଘୁ ବର୍‌କସ୍ ଶବଦ୍ ହେଲା । କଥିତ ଅଛେ – ମହା ଶୁଇନ୍ ନୁଁ ସେତେବେଲେ ଶୁଇନ୍‌ବାନୀ ହେଲା । "ମୁଇଁ ଧରାବତରଣ କର୍‌ମି, ମତେ ଛିନ' ।" କନ୍ଧ ଯେନ୍‌ତା ଆଁଖି ନି ଦେଖେ, ସେଟା କେ ବିଶ୍ୱାସ୍ କରେ ନେଇଁ । ଜାନି (ମୁଖିଆ) କନ୍ଧ ବଏଲା – "ତୁଇ କେନ୍ ଯେ ଦେଖା ଦେ', ତାର୍ ଉତ୍‌ରୁ ଆମେ ଛିନ୍‌ମୁ ।" ଆକାଶ ଥି ମାଁ ଦଶଭୂଜା ରୂପ୍ ଧରି କରି ଜଗତ୍‌ମାତା ଉଭା ହେଲେ । କନ୍ଧମାନେ କାବାଭୂତ୍ ହେଲେ । ଜାନି ପଚ୍‌ରାଲା – "ତୁଇଁ କାଏଁ କାଜେ ଆଇଛୁ ?"

ମାଁ ଦଶଭୂଜା ଉତ୍ତର ଦେଲେ – "ମୁଇଁ ଜଗତ୍‌ଜନନୀ ଜଗଦମ୍ବା, ମୁଇଁ ଧରମକେ ସଁସାରେ ଥାପନା କର୍‌ବାକେ ବିଜେ ହେମି, ତମେ ମତେ ଛିନ'(ଗ୍ରହଣ କର) ।" ଜାନି ବଏଲା – "ବୁଆ, ଏଡ଼୍‌କି ଗଖାଟା କେ କେନ୍ ଛିନି ପାର୍‌ତା !" ମାଁ ଜଗଦମ୍ବା ବଏଲେ – "ମୁଇଁ ତାଲ୍ ଗଛ୍ ଟିପି ଥି ବିଜେ ହଉଛେଁ, ମତେ ଛିନ' ।" ଜାନି ବଏଲା – "ତାଲ୍‌ଗଛ୍ ପର୍‌ଲେ ଆର୍ ଗଜା ହେବକାଏଁରେ ଟୁରେ ! ଆମେ ନେଇଁ ପାରୁଁରେ ବୁଆ ।" ମାଁ ଜଗଦମ୍ବା ପରେ ହେତ୍‌କି ବେଲ୍‌କେ ବଡ଼ା ସୁତ୍‌ରେ ସୁତ୍‌ରେ କଅଁଲେଇ କରି ଭୁର୍‌ତେଇ ସୁର୍‌ତେଇ କରି ବଏଲେ–"ଏ ପୁତା, ତୁଇ ହେବୁ ମୋର୍ ପରୁହାଁ ପୁଝାରୀ । ମୁଇଁ ମୋର୍ ସୁକେ, ମୋର୍ ବତ୍‌ରେ ତୋର୍ ନିକେ ଆଉଛେଁ । ତାଲ୍ ଗଛ୍ ତମର୍ ଉପ୍‌ରେ ନାଇଁ ପଡ଼େ ପୁତା, ମୁଇଁ ଅଛେଁ । ମତେ ବିଶ୍ୱାସ୍ କର୍ ।" କନ୍ଧମାନେ ଡକାହକା ହେଇ ତାଲ୍ ଗଛ୍ ତଲେ ଠୋଲ୍ ହେଲେ । ଦେବୀ ମାଁ ଗଛୁ ଉତ୍‌ରିବେ । ଦେବୀ କେ ଛିନି ଧର୍‌ମୁ ବଲି କିଏ ଭାର୍‌ଶିକା, କିଏ ଟୁପା, କିଏ ଡଲା, କିଏ ଚଟୁ ଧରି ଧାଏଁଲା । କିଏ ପତର୍ ଧରିଥିଲା । କିଏ ଗଂଜା, କିଏ କୁଁଣି ଧରିଥିଲା । ଯେ ଯେନ' ଯାହା ତାହା ଧରି ଧାଏଲେ ଦେବୀ କେ ଛିନ୍‌ମୁ ବଲି । ଫେର୍ କେତେ ଗଛର୍ ଚେର୍‌କେ ଧଏଲେ, କେତେ ବୁନ୍ଧ କେ ଧଏଲେ ଆର କେତେ ଡାଲ୍‌କେ ଧଏଲେ । କେତେ ମୁଟ୍‌ମୁଟ୍ ଦେଖୁଥାଆନ୍ । ଯେନ୍ କନ୍ଧ ଯାହା ସେ ସମିଆଁ ଥି କରୁଥିଲା, ଧରିଥିଲା, ତାର ସାଙ୍ଗେ ସାଙ୍ଗେ ତାର୍ ଧାର୍ମିକ୍, ପାରିବାରିକ୍ ବିଭବ କେ ନେଇ କନ୍ଧମାନ୍‌କର ବର୍ଗ, ଉପବର୍ଗର୍ ନାମ୍‌କରନ୍ କରାହେଲା । ସେ କନ୍ଧମାନେ ସେ ବର୍‌ଗିଆ କନ୍ଧ ବୁଲାଲେ । ସେ ହିସାବେ କିଏ କାର୍ ବନ୍ଧୁ ହେଲା ତ କିଏ କା'ର ଭାଇଜମା ହେଲା ।

| ବର୍ଗ | ଉପବର୍ଗ କି ଭାଇଜମା | ଚିନ୍‌ହାଁ | ଅସ୍‌ତର |
|---|---|---|---|
| କଅଁର ଘରିଆ | ବୁଡ଼କା, ଘାଟିଆ, ବସ୍‌ନିଆଁ | କୁରେଫୁଲ୍ | ଧୁନ୍‌ଶର୍ |
| କଲ୍‌ଙ୍ଗିଆ | - | - | - |
| କାର୍‌ଲି | ଲୁହା, ମିଲ୍‌କି, କୁଙ୍ଗି, ବାଡ଼ାକା | - | ଧୁନ୍‌ଶର୍ |
| କାରୁକା | କର୍‌ରୀ, ମୁଟକିଆ, କାକୁଠ ସିଙ୍ଗିଆଚେର | ଶାଗ | ଧୁନ୍‌ଶର୍, ଖଁଡ଼ା |
| କାଜ୍‌ମୁଲିଆ | - | - | ଧୁନ୍‌ଶର୍ |
| କାହୁକା | - | - | - |
| କପାଟ ଗୁଡ଼ିଆ | ମାହାଡ଼ିକ୍, ଖୁଟି, ଦଲପତି | - | - |
| କୁଟ୍‌କା | - | - | - |
| କାଲିଘରିଆ | ଲୁହା, ମିଲ୍‌କି, କୁଙ୍ଗି, ବାଡ଼ାକ | କାନ୍ଧୁଲ୍ | - |
| କଦେଲା | - | - | - |
| ମୁଟ୍‌କିଆ | କର୍‌ରି, କାରକୁର୍‌କିଆ, କାକୁଠସିଙ୍ଗିଆ | ଶାଗ | ଧୁନ୍‌ଶର୍, ଖଁଡ଼ା |
| କାନବୁରା | କାନୁଡ଼େର | - | ଧୁନ୍‌ଶର୍ |
| କୁକୁରଗୁଡ଼ିଆ | ମାଝିକାଲୁକା, ଜାନିକାଲୁକା | - | - |
| କୁସ୍‌କିଆ | - | - | - |
| କୁଜୁର୍‌କିଆ | କୁର୍ବୁକିଆ | - | - |
| କୁଲ୍‌କିଆ | - | - | - |
| କୁଲେସ୍‌କିଆ | - | - | - |
| କୁର୍‌ମୁଲ୍‌କିଆ | ସେଲ୍‌ମେଲ୍‌କା, ଲିପିଚ୍‌କିଆ | କୁର୍‌ମେଲ୍‌ବୁଦା | - |
| କୁଟ୍ରିଆ (କୁଚ୍‌ରିଆ) | ୧୮ମାଝି ୧୬ ପର୍‌ଧାନୀ | - | - |
| କତର୍‌ଲିଆ | ଚିଠିର୍‌ଲିଘା, ସେଲକିଆ | - | - |
| କଁଟାମଲିଆ | - | - | - |
| ଖଡ଼ଙ୍ଗା | - | କର୍‌ଡ଼ିଗଜା | - |
| ଗଅଁକା | ସାମା, ମୁକୁନ୍ଦ, ସାଙ୍ଗୁ, ନାନୁଙ୍ଗ | - | - |
| ଗଂଜା | ୧୮ମାଝି ୧୬ ପର୍‌ଧାନୀ | ସୁର୍‌ସୋ | - |
| ଗଲର୍‌ଗଲିଆ | - | - | - |
| ଗୁବ୍‌ରିଆ | ୧୮ମାଝି ୧୬ ପର୍‌ଧାନୀ | - | - |
| ଗୁରୁସ୍କା | - | - | - |
| କାର୍‌ଲାକୁ | - | - | - |
| ଘାଟ୍‌ଥରିଆ | ଟିକରିଆଁ, ବସନିଆଁ | - | - |
| ଘୁପ୍‌ରିଆ | ୧୮ମାଝି ୧୬ ପର୍‌ଧାନୀ | ଡିହିଚନା | - |
| ଘରେସ୍କା | - | - | - |
| ଚେରେକା | ପାଲାକା, ସିପ୍‌କା, ଲିପୁଚ୍‌କିଆ | - | - |
| ଚିନ୍ଦ୍ରିଆ | ବିନ୍ଧରିଆ, କାନ୍ଧାନ୍ | ଚାଇଁହଲ୍‌ଦି | - |
| ଚିଚର୍‌ଲିଆ | କତରକିଆ, ସେର୍‌କିଆ | - | - |
| ଚାଟ୍‌କା | - | - | - |
| ଜାକସିଆ | ସମା, ଗଜେ, ନାଗମଲ | - | - |
| ଚାର୍‌ମଲିଆ | - | - | - |
| ଜାନି | ୧୮ମାଝି ୧୬ ପର୍‌ଧାନୀ | ଚାହାଁର | - |
| ଚିମ୍‌କିଆ | - | ସେମିଁ | - |
| ଝୁର୍‌ଚିଆ | ୧୮ମାଝି ୧୬ ପର୍‌ଧାନୀ | - | - |
| ଟପା | ୧୮ମାଝି ୧୬ ପର୍‌ଧାନୀ | ବାଉଁଶପତିଆ | - |
| ଜାଟେକା | - | - | - |
| ଜାରେଙ୍ଗ୍ | - | - | - |

ତାହିଁରୁ ତାଲ୍‌ଗଛ୍ କଲେ କଲେ କରି ତଲ୍‌କେ ଲୁହୁଁପି ଆଏଲା । ସବ୍ ଯାକର୍ କନ୍ଧ ଗଛ୍‌କେ ଘେରେଇ କରିଥା'ନ୍ । ଜାନି କନ୍ଧ ତାଲ୍‌ଗଛ୍ ଟିପି ନୁଁ ଗୁଟେ ପଖନ (ଶିଲାଖଁଡ଼) ଦେଖିକରି ଖନ୍ଧର ଅଁଗ୍‌ଛି ଥି ଛିନି ଧଏଲା । ତାଲ୍‌ଗଛ୍ ଦେବୀର୍ ଆଁଗିଆଁ ଥି ଯେନ୍ତା କେ ସେନ୍ତା ଠାଡ଼୍ ହେଇଗଲା । ସେ ପଖନ କେ ଖନ୍ଧେ ଧରି ଜାନି ଠିଆ ହେଇଥାଏ । ଦେବୀ ଶୁଇନ୍ ଥି ଥାଇ ଥାପ୍‌ନା କର୍‌ବାର୍ ବିଧି ବତେଇ ଦେଲ୍ ଗଲେ । କନ୍ଧେ ରାଏ ରିକ୍‌ମା ଥି ଧର୍‌ନୀ ଦେବୀ କେ ଥାପ୍‌ନା କଲେ । କନ୍ଧ ଜାତିର୍ ଇ' ମିଥ୍‌ର ଭାବ କେ ଦୁସରା ଜାଏତ୍‌ର ଲୁକେ ନାଇଁ ଜାନି ପାରନ୍, ଆର୍ ବଲ୍‌ସନ୍ "ତାଲ୍ ଗଛ୍ ଛିନୁ କନ୍ଧ" । ଗୁଟେ ବେଡ଼ା ମୁରୁଖ୍ ଜାଏତ୍ ହିସାବେ କେନେ କେନ୍‌ତା ବନେଇ ଚୁନେଇ କରି ଖେଁଚଡ଼୍ ବି କର୍‌ସନ୍ ।

ଧର୍‌ନୀ ମାଁ କେ ଥାପ୍‌ନା କଲା ଉତ୍‌ରୁ ଦେବୀର ଆଦେଶ୍ ଥି କନ୍ଧ ଜାତିର୍ ବର୍ଗ ଉପବର୍ଗର ନାମକରନ୍ ହେଲା ବଲି ସିହାନ୍ ସୁଜନ୍ କନ୍ଧମାନେ ଦାବୀ କର୍‌ସନ୍ । ଇ'ଠାନେ ୧୭୫ କନ୍ଧଜାତିର ବର୍ଗ, ଉପବର୍ଗର ନାଁ ଦିଆଯଉଛେ ।

ଜାନିକା, ଜାଲିଆ, ଜିକେସ୍କା, ଜିରା, ଜିସମିଆ, ଜିମ୍‌ଲିଆ, ଜୁରିଙ୍ଗ, ଜାବେଲ୍ ଜାଡ଼େକା, ଝିମ୍‌କା, ସେର୍‌ମେଲ୍‌କା, ଝୁରେକା, ଜଲପଟିଆ, ଟିଟ୍‌କା ଟିକ୍‌ରିଆ, ଟୁମେକା, ଟୁପ୍‌ରୁଙ୍ଗିଆ, ଟିସ୍‌କା, ଡଣପଟିଆ, ଡାକାଙ୍ଗା, ଡେଙ୍ଗାବରିଆ, ଡାବିଲା, ତତ୍‌ଝପ୍‌କା, ବିଡ଼ା, ତିତରକା, ତାଡ଼ିଙ୍ଗା, ତୁକିଆ, ଦଲପତ୍, ଦେଶ୍‌ଘରିଆ, ଧମନିଆଁ, ନାଏକ, ନାଡ଼ାକା, ନାନୁଙ୍ଗା, ନିଆଁକା, ଟୁଡୁକା, ପଟିଆ, ପାତ୍ର, ପାଲାକା, ତୁଡୁକା, ଫାରେସ୍‌କା ପାରେଡ଼ା, ବୁଡୁକା, ବାଡ଼ାକା, ବାତୁଲାକା, ବାଗଝରିଆ, ବାଗେପୁରିଆ, ବୁଟିଆ, ବୁବୁରିଆ, ବିନ୍ଧନିଆଁ, ବିନ୍‌ଝଲ୍‌କା, ବ୍ରଜନିଆଁ, ବୁଡୁର୍‌ଅଡୁଆ, ବେସ୍‌କା, ବୁଡ଼ାକା, ବସ୍‌ନିଆ, ଭୁଏ, ମଲିକ୍, ମାକରନିଆଁ, ମଉସିଆ, ମାରଦିଙ୍ଗା, ମାଡୁକିଆ, ମାଝି, ମାନୁଡ଼େର, ମାହାସିଂ, ରେଙ୍ଗାଲି, ରୁଫଡ଼ିଆ, ରେଡ଼େଙ୍ଗ୍, ରଂଗନିଆଁ, ଲିମୁରକା, ଲୁହା, ଲୁଡୁକା, ସମ୍‌ତାଙ୍ଗ, ସାଡୁଙ୍ଗା, ସାରାକା, ସାମା, ସୁବଲା, ସୁଲ୍‌ଦେ, ସୁରିଆ, ଶିକା, ସିପ୍‌କା, ଶିଲପୁରିଆ, ସାତ୍‌ମିଲିକିଆ, ସିଂରିଆ, ହୁର୍‌ଫା, ଉଜ୍‌ବେରିଆ, ପୁର୍‌ଲିକିଆ, ହୁରିଆ, ଉଛ୍‌ରିଆ, ଦେହେଲିଆ, ସେର୍‌କା, ଗଟ୍‌କା, କେରେକା.....ଏନ୍‌ତା କରି ୧୭୫ ।

କନ୍ଧ ଗୋଷ୍ଠୀର୍ କୁଟୁମ୍ ବଢ଼ିଗଲା । ଗୁଟେଠାନେ ଗୁଟେ ଭେଲି ଥି ରହି ନାଇଁ ପାର୍‌ଲେ ସଭେ । ଖାଏଦ୍, ପିନ୍ଧନ୍, ଜାଗାବାଡ଼ି ସୁବିଧା କର୍‌ବାର୍ ଲାଗି କୋଶଲାଂଚଲ୍ ଚାରିକୁତି ଖେପି ଗଲେ । କନ୍ଧେ ଡଙ୍ଗର୍ ଉପ୍‌ରୁ ଉତ୍‌ରି ଅପ୍‌ନା ସାଜୋବାଜୋ ଗୋତ୍ କୁଟୁମ୍ ଧରି ଭିନେ ଭିନେ ଦିଗେ ଖୁଟ୍ କାଟି ଝାର୍ ଚତ୍‌ରେଇ ମାଏଟ୍ ମହୁଲ ସାଁକଲି ରହେଲେ । ମାରତ୍‌କ ତାକର ସଂସ୍କୃତି, ପରମ୍ପରା, ବିହାଚୁରା, ଦେ' ଦେବ୍‌ତା, ଯାନି ଯାତ୍‌ରା ସଭେ ଯାକର ଗୁଟେ ଢ଼ଙ୍ଗେ ମାନିଗୁନି ଚଲ୍‌ଲେ । କନ୍ଧେ ଖୁଟ୍‌କାଟି ଗାଁ ବସାଲେ, ଜମିନ୍ ବନାଲେ ଆର୍ କୋଶଲାଂଚଲ୍‌ର ପରୁହାଁ ପର୍‌ଜା, ପରୁହାଁ ପୁଝାରୀ ବନି ରହେଲେ । ଯେନେ ଗାଁ ବସାଲେ ମାଁ ଜଡ଼େନ୍ (ଧର୍‌ନୀ)ର ସପ୍‌ନା ହେଲା – "ପୁତା, ମକେ ବି ତର୍ ଗାଁ ନେ ଥାପ୍‌ନା କର୍ ।" କନ୍ଧେ ସଭେ ଠୋଲ୍ ହେଇ ବିଚାର ଉଚାର୍ ହେଲେ ଆର୍ ଥାପ୍‌ନା ବି କଲେ ।

ଧର୍‌ନୀ ଥାପ୍‌ନାର ରିକ୍‌ମା ଲମ୍ ହେବା । ପ୍ରବନ୍ଧକେ କେ ଇ'ଘଡ଼ି ସୁରୁ କର୍‌ବାକେ ଏକା ପଡ଼୍‌ବା । ଗଛ କନ୍ଧ ସଂସ୍କୃତିର ଗୁଟେ ଅଂଗ୍ ଆଏ । ଗଛ୍ ନି ହେଲେ କନ୍ଧର୍ କେନ୍‌ସି ରିକ୍‌ମା ଆଗ୍‌କେ ନେଇଁଯାଏ । କନ୍ଧ ଗଛ୍ କେ ବୃକ୍ଷ ଦେବ୍‌ତା ଭାବେ ତିହାର୍ ପରବ୍ କେ ଚଉଲ୍ ପୁଞ୍ଜି ନେଇଦେସି । ରେଙ୍ଗାଲ୍, ମହୁଲ୍ ଗଛ୍ ଧର୍‌ନୀ ଖୁଟା ଥାପ୍‌ଲା ବେଲ୍‌କେ ହଉ କି ବିହା ବରପନ୍ ବେଲେ ହଉ ନିହେଲେ କବାର୍ ନିଛିଡ଼େ । ଧର୍‌ନୀ ଖୁଟା ଥାପ୍‌ଲେ ପଥର୍, ସର୍‌ଗି ଗଛ ଗଁଡ଼ି ଥି କରାହେସି । ଜାନି କେ ସପ୍‌ନା ହେସି ସେଠାନେ ସର୍‌ଗି ଗଛ୍ କି ପଖନ୍ ମିଲ୍‌ସି । କୁହାଯାଏସି, ଜୁନ୍‌ହା କୋଶଲ୍ ରାଏଜେ ୧୩ଟା ଜାତିର୍ ଲୋକ୍ ପର୍‌ଥମେ ବସ୍‌ବାସ୍ କରୁଥିଲେ । କନ୍ଧ, ଗଁଡ଼, ସଅଁରା, ବିଂଝାଲ୍, ଗଁଡ଼ା, ତେଲି, ମାଲି, କେଉଁଟ୍, ଲୁହୁରା, କୁମ୍ଭାର୍, ଶୁଁଡ଼ି, ଗଉର୍, କର୍‌ରା । ଧର୍‌ନୀ ପୂଜା ଥି ଇ' ଜାତିର୍ କବାର୍ ଅଛେ । କନ୍ଧ ସବ୍‌କେ ଧରି ପରବ୍ ମନାସି । ମୁନୁଷ୍ ଜାଏତ୍ ଜାଏତ୍ ଭିତ୍‌ରେ ସଦ୍‌ଭାବ୍, ସହାଯାଗ୍ ବନେଇ ରଖିବାକେ ଆଦିମ୍ କାଲୁ ଗୁର୍‌ଦେଟେ ରିକ୍‌ମା ଆରମ୍ ହେଇଥିଲା । ଧର୍‌ନୀ ଥାପ୍‌ନା କଲେ ତେଲି ତେଲ୍, ମାଲି ଫୁଲ୍, ଲୁହୁରା ଦେବ୍‌ତାର ଶିକ୍‌ଲା ଆର୍ ଟଙ୍ଗିଆ, ଗଉର୍

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ଅବିଶ୍ୱାସ ଓ ଅକୃତଜ୍ଞତା

ଠକିବା ଲୋକ ଠକ କିନ୍ତୁ ଠକାମିର ଶିକାର ହେଉଥିବା ଲୋକ ଠାକୁର । ଯୁଗେ ଯୁଗେ ଖଳ-ପ୍ରକୃତିର ଲୋକମାନେ ସଜ୍ଜନମାନଙ୍କୁ ପ୍ରତାରଣା କରିଆସିଛନ୍ତି । କିନ୍ତୁ ସାଧୁମାନେ ନିଜ ସଦ୍‌ଗୁଣ ଦ୍ୱାରା ସେମାନଙ୍କ ଆଗରେ ନୂତନ ଆଦର୍ଶ ଥୋଇଦେଇ ଯାଇଥାନ୍ତି । ଏପରି ଏକ ଘଟଣା ଦେଖାଯାଉ ।

ଗ୍ରାମ୍ୟ ଉପକଣ୍ଠରେ ଜଣେ ସନ୍ଥ ଆଶ୍ରମ କରି ରହୁଥିଲେ । ଦୟା, ପରୋପକାରିତା ଓ ସାତ୍ତ୍ୱିକତା ଯୋଗୁଁ ଅଂଚଳର ଲୋକେ ତାଙ୍କୁ ଆନ୍ତରିକ ଭକ୍ତି କରୁଥିଲେ । ତାଙ୍କ ପାଖରେ ଗୋଟିଏ ସୁନ୍ଦର ଓ ପ୍ରଶିକ୍ଷିତ ଘୋଡ଼ା ଥିଲା । ଅଂଚଳର ନାମୀ ଡକାଏତର ସେହି ଘୋଡ଼ା ପ୍ରତି ଲୋଭ ଜାତ ହେଲା । ସେ ଆଶ୍ରମରେ ପହଂଚି ସନ୍ଥଙ୍କୁ ଘୋଡ଼ାଟି ତାକୁ ଦେଇଦେବା ପାଇଁ କହିଲା । ଘୋଡ଼ାଟି ପ୍ରତି ସନ୍ଥଙ୍କର ତୀବ୍ର ଅନୁରାଗ ରହିଥାଏ । ସେ ଡକାଏତକୁ ସ୍ପଷ୍ଟ ମନା କରିଦେଲେ । ଡକାଏତଟି ନିରାଶ ହୋଇ ଫେରିଗଲା । ଦିନେ ସନ୍ଥଜଣକ ଘୋଡ଼ାରେ ଚଢ଼ି ପାଖ ବଜାରକୁ ସଉଦା ଆଣିବା ପାଇଁ ଯାଉଥାନ୍ତି । ଦେଖିଲେ, ରାସ୍ତାରେ ଜଣେ ରୋଗୀ କମ୍ବଳ ଘୋଡ଼ି ହୋଇ ଶୋଇଛି । ଭୀଷଣ ଜ୍ୱରରେ ଥରି ସେ ସାହାଯ୍ୟ ଭିକ୍ଷା କରୁଥାଏ । କେହି ବି ତା' ପ୍ରତି ଦୃଷ୍ଟି ନ ଦେଇ ନିଜ ନିଜ ଗନ୍ତବ୍ୟକୁ ଯାଉଥାନ୍ତି । ରୋଗୀର ଦଶା ଦେଖି ସନ୍ଥଙ୍କ ହୃଦୟ ତରଳିଗଲା । ସେ ସଙ୍ଗେ ସଙ୍ଗେ ରୋଗୀ ପାଖକୁ ଆସି ତାକୁ ଘୋଡ଼ାରେ ବସାଇ ଆଶ୍ରମକୁ ଲେଉଟିବାକୁ ପ୍ରସ୍ତୁତ ହୁଅନ୍ତେ, ରୋଗୀଟି ନିଜ କମ୍ବଳକୁ ଥୋଇ ଦେଇ କହିଲା – 'ମୁଁ ହେଉଛି ସେହି ଡକାଏତ । ଏହି ଘୋଡ଼ା ଆପଣଙ୍କଠୁଁ ଛଡ଼ାଇବା ପାଇଁ ଏତେ ଅଭିନୟ କରୁଥିଲି । ଏବେ ଆପଣଙ୍କ ଯାହା ଉପାୟ ଆପଣ କରିପାରନ୍ତି, ଘୋଡ଼ା ନେଇ ମୁଁ ଚାଲିଲି ।'

ସନ୍ଥ ତାଙ୍କୁ କହିଲେ – 'ବାବା ! ତୁମେ ଯାହା ବି କରିଛ ଅନ୍ୟ ଆଗରେ ପ୍ରକାଶ କରିବ ନାହିଁ ।' ଡକାଏତ ଜଣ ଆଶ୍ଚର୍ଯ୍ୟ ହୋଇ କହିଲା – 'ଯେଉଁ କଥା ମୋ କହିବାର ଥିଲା ଆପଣ କାହିଁକି କହୁଛନ୍ତି ?' ସନ୍ଥ ଜଣକ ବଡ଼ ମାର୍ମିକ ଉତ୍ତର ଦେଇ କହିଲେ – 'ବାବୁ ! ଏହି କଥାର ବହୁ ପ୍ରଚାର ହେଲେ, ସହାୟତା ଆଶା କରୁଥିବା କୌଣସି ମଣିଷ କିମ୍ବା ରୋଗୀକୁ କେହି ବି ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ ନାହିଁ । ଏହାଦ୍ୱାରା ପୀଡ଼ିତ ମାନବ ଆହୁରି ଅସହାୟ ହୋଇ ପଡ଼ିବ । ଅବିଶ୍ୱାସ ସ ଅକୃତଜ୍ଞତା ବଢ଼ି ଚାଲିବ । ଏବେ ଘୋଡ଼ାକୁ ତୁମେ ଆନନ୍ଦରେ ନେଇ ଯାଇପାର । ମୋର କିଛି କହିବାର କି କରିବାର ନାହିଁ ।' ଦୁର୍ଦ୍ଧର୍ଷ ଡକାଏତର ହୃଦୟକୁ ସନ୍ଥଙ୍କର ବାଣୀ ଏପରି ମନ୍ଥନ କଲା ଯେ ସେ ଅଶ୍ରୁପୂର୍ଣ୍ଣ ନୟନରେ ସନ୍ଥଙ୍କ ପାଦରେ ଲୋଟି ପଡ଼ିଲା ଏବଂ ଘୋଡ଼ାଟିକୁ ଛାଡ଼ି ଅଜ୍ଞାତ ରାସ୍ତାରେ ବିଲୀନ ହୋଇଗଲା ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୧ତମ ଜନ୍ମ ଦିବସ ଅବସରରେ ଦେଓଗାଁ ବିଜେପି ପକ୍ଷରୁ ଶିବ ମନ୍ଦିରରେ ୭୧ଟି ଦୀପ ପ୍ରଜ୍ୱଳନ, ଅନାଥାଶ୍ରମବାସୀଙ୍କୁ ଖାଦ୍ୟ ପ୍ରଦାନ



ଦେଓଗାଁ, (ନିପ୍ର) : ଶୁକ୍ରବାର ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୧ତମ ଜନ୍ମ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଆୟୁ କାମନା କରି ଦେଓଗାଁ ବିଜେପି ପକ୍ଷରୁ ସିକୁଆଁ ସ୍ଥିତ ଶିବ ମନ୍ଦିରରେ ୭୧ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହା ସହ ସାଲେପାଲି ସ୍ଥିତ ଅନାଥାଶ୍ରମକୁ ଯାଇ ସେଠାରେ ରହୁଥିବା ବୃଦ୍ଧ, ବୃଦ୍ଧାଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା । ବିଜେପି ଯୁବମୋର୍ଚ୍ଚା ଉପସଭାପତି ବଲାଙ୍ଗିର ଜିଲ୍ଲା ଭୋଲାନାଥ ସାହୁ, ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ମାନୁ ମେଲ୍ଲୀ, ଘନଶ୍ୟାମ ନନ୍ଦ, ଯୋଗେଶ୍ୱର ପଧାନ, ସୁରେଶ ଭୋଇ, ଶଶୀ ପାଣିଗ୍ରାହୀଙ୍କ ସହ ବହୁ ବିଜେପି କର୍ମୀ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନବଜାତ ଶିଶୁକୁ ପାଣିରେ ଭସାଇ ଦେଲା ନିଷ୍ଠୁର ମା’



ପଦ୍ମପୁର, (ନିପ୍ର) : ହଜିଗଲା ମାନବିକତା ସରିଗଲା ମଣିଷ ପଣିଆ ନିଜ ଜନ୍ମ କଲା ନବଜାତ ଶିଶୁକୁ ନାଳରେ ଭସାଇ ଦେଲା ନିଷ୍ଠୁର ମା’ । ଏମିତି ଏକ ଦୃଶ୍ୟ ସାମ୍ନାକୁ ଆସିଛି ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅନ୍ତର୍ଗତ ଜାମମାଲ ଓ ଡାଙ୍ଗବାହାଲ ମଝିରେ ଥିବା ଗଡିଆ ଜୋର୍ ନାଳରେ । ସୂଚନା ମୁତାବକ ଆଜି ସକାଳେ ଏକ ନବଜାତ ଶିଶୁର ମୃତ ଦେହ ପାଣିରେ ଭାସୁଥିବାର ସ୍ଥାନୀୟ ଲୋକ ଦେଖିଥିଲେ । ଏହି କଁଅଳ ଶିଶୁଟି ନାଳର ଉପର ମୁଣ୍ଡରୁ ଭାସି ଆସିଥିବା ଜଣାପଡିଛି । ଏମିତି ଘଟଣା କିଏ ଘଟାଇଛି, ଏହି କୁନି ଶିଶୁର ମା’ କିଏ ତାହା ଜଣାପଡିନାହିଁ । ବର୍ତ୍ତମାନ ମଧ୍ୟ ସେହି ନାଳରେ ଭାସୁଛି ନବଜାତ ଶିଶୁର ମୃତ ଦେହ । ଏହି ଦୃଶ୍ୟ ବର୍ତ୍ତମାନ ସମସ୍ତଙ୍କୁ ବିଚଳିତ କରିଛି । ଏହି ଘଟଣାକୁ ନେଇ ଜନସାଧାରଣରେ ଦାବୀ ଉଠିଛି ଯେ, ଏମିତି ଅମାନସିକ ଲୋକଙ୍କୁ ପ୍ରଶାସନ କଠୋର ଦଣ୍ଡ ଦେଉ ।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ

ସିନାପାଲି, (ନପ୍ର) : ନୂଆପଡା ଜିଲ୍ଲା ସିନାପାଲି ଥାନା ଘୁଚାଗୁଡା ଗ୍ରାମର ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କାରି ଛୁରାମାଡ ମାରିଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି । ଯୁବକ ଜଣକ ହେଲେ ଘୁଚାଗୁଡା ଗ୍ରାମର ଜୁଲେଶ୍ୱର ପ୍ରଧାନ (୨୨) ବୋଲି ଜଣାପଡିଛି । ଅଭିଯୋଗ ଅନୁସାରେ ଗତ ୧୭ ତାରିଖ ରାତ୍ରିରେ ଯୁବକ ଜଣକ ଫୁରସୁଣ୍ଡ ଗ୍ରାମକୁ ବିଶ୍ୱକର୍ମା ପୁଜା ଦେଖିବାକୁ ଆସିଥିଲେ । ହେଲେ ସେହି ସମୟରେ ପୁର୍ବ ଶତ୍ରୁତାକୁ ନେଇ ଉକ୍ତ ଘୁଚାଗୁଡା ଗ୍ରାମର ବିକୁ ନାଏକ, ଫୁରସୁଣ୍ଡ ଗ୍ରାମର ଦେବରାଜ ବାଗ, ରଶ୍ମିରଂଜନ ନିଆଲ ସହ ଅନ୍ୟ ୮ରୁ୯ ଜଣ ବ୍ୟକ୍ତି ଫୁରସଣ୍ଡ ଗ୍ରାମର ମା’ ଠାକୁରାଣୀ ମନ୍ଦିର ପାଖରେ ଛୁରାମାଡ ମାରିଥିଲେ । ଯାହା ଫଳରେ ଯୁବକଙ୍କ ଶରୀରର ବାମହାତ, କାନ, ପିଛାରେ ଛୁରାମାଡ ହୋଇଥିବା ଜଣାପଡିଛି । ପୁଣି ଅଭିଯୁକ୍ତ ମାନେ ଯୁବକଙ୍କ ବେକକୁ ଛୁରୀରେ କାଟିବାର ଉଦ୍ଦେଶ୍ୟ ରଖିଥିବା ବେଳେ ଘଟଣାରେ ସ୍ଥାନୀୟ କିଛି ଯୁବକ ଆସିବାରୁ ଯୁବକଙ୍କୁ ଛାଡି ଅଭିଯୁକ୍ତ ମାନେ ଚମ୍ପଟ ମାରିଥିଲେ । ଏନେଇ ସିନାପାଲି ଥାନାରେ ଯୁବକଙ୍କ ମା’ ଗୋପବାଲି ପ୍ରଧାନ ଅଭିଯୋଗ କରିଛନ୍ତି । ସୂଚନା କ୍ରମେ ପରିବାର ଲୋକେ ଯୁବକଙ୍କୁ ପ୍ରଥମେ ସିନାପାଲି ଚିକିତ୍ସାଳୟ ନେଇଥିବା ବେଳେ ଅବସ୍ଥା ସାଂଘାତିକ ହୋଇଥିବାରୁ ଖଡିଆଳ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଗଲା । ହେଲେ ଖଡିଆଳ ଚିକିତ୍ସାଳୟରେ ମଧ୍ୟ ଚିକିତ୍ସା ଚାଲିଥିବା ବେଳେ ରକ୍ତ ନ ଥମୁଥିବାରୁ ଜିଲ୍ଲା ଚିକିତ୍ସାଳୟକୁ ନେବା ପାଇଁ ପରିବାର ଲୋକେ ପ୍ରକାଶ କରିଛନ୍ତି । ଏନେଇ ସିନାପାଲି ଥାନାରେ କେସ୍ ନମ୍ବର ୨୦୧/୨୧ ମାମଲା ରୁଜୁକରି ତଦନ୍ତ ଚଲାଇଥିବା ବେଳେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିନାପାଲି ଥାନାଧିକାରୀ ଡମ୍ବରୁଧର ପ୍ରଧାନ କହିଛନ୍ତି ।

## ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ବରଗଡ, (ନିପ୍ର) : ବରଗଡ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଗତକାଲି ତାଙ୍କ କାର୍ଯ୍ୟାଳୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଜୟ ଜବାନ ଜୟ କିଷାନ କାର୍ଯ୍ୟକ୍ରମରେ ଅତିଥି ଭାବେ ବରଗଡ ସାଂସଦ ସୁରେଶ ପୂଜାରୀ ଯୋଗ ଦେଇ ଦେଶର ସୁରକ୍ଷା ଏବଂ କୃଷିର ବିକାଶରେ ଦେଶର ବିକାଶ ହୋଇଥାଏ । ଏଥିରେ ଦେଶର ସୈନିକ ଏବଂ କୃଷକ ଭାଇମାନଙ୍କ ଅବଦାନ ଅତୁଳନୀୟ ଅଟେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଭାଜପା ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମୁକ୍ତା ସାହୁ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ, ସୁରେଶ୍ୱର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର କୃଷକ ଏବଂ ଅବସରପ୍ରାପ୍ତ ସୈନିକଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ ।

## ଶ୍ରୀନୃସିଂହନାଥଙ୍କ ଭକ୍ତିବାଦର ସୂତ୍ର ପ୍ରଚାର : ରାଜ୍ୟସ୍ତରୀୟ କଳାକାର ସମ୍ମିଳନୀ, ନୀଳଚକ୍ର ଧ୍ୱଜା ସ୍ଥାପନା ଓ ପ୍ରତିଷ୍ଠା ଉତ୍ସବ



ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ବ୍ଲକ ଆଇଆର୍‌ଇ ଛକ ନିକଟ ଘଡଘଡାପଲ୍ଲୀ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ କାମିନୀ ଦାସୁଡୁ ସତ୍ୟମ ସେବା ନୃତ୍ୟକଳା କେନ୍ଦ୍ର(ଭାଗବତ ଗାଦି) ପକ୍ଷରୁ ଲକ୍ଷ୍ମୀ ନୃସିଂହ ମନ୍ଦିରର ନୀଳଚକ୍ର ଧ୍ୱଜା ସ୍ଥାପନା ଓ ପ୍ରତିଷ୍ଠା ଉତ୍ସବ ଭକ୍ତିବାଦ ପ୍ରଥା କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏଠାରେ ରାଜ୍ୟସ୍ତରୀୟ କଳାକାର ସମ୍ମିଳନୀର ଆୟୋଜନ ହୋଇଥିଲା । ଏଥିରେ କେନ୍ଦ୍ରର ସଭାପତି ତଥା ନୃତ୍ୟଗୁରୁ ବଡଦାସୁଡୁ ଆର୍.ସତ୍ୟମ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମଲ୍ଲୀକ ଯୋଗଦେଇ କଳାକାର ଓ କଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ହୋମ ଯଜ୍ଞ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ଉପସଭାପତି ମହେଶ୍ୱର ପ୍ରଧାନ, ସମ୍ପାଦକ ଅଶୋକ ପଣ୍ଡା, ଏସ୍.ବିଶ୍ୱନାଥ ରେଡ୍ଡୀ, ପି ସୁରିବାବୁ, ଏମ୍. ନାରସିମୁଲୁ ରେଡ୍ଡୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନର କଳାକାର ଯୋଗ ଦେଇଥିଲେ । ପୂର୍ବରୁ ଏହି ଅନୁଷ୍ଠାନ ପକ୍ଷରୁ କଳାକାରଙ୍କ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ କାମିନୀ ଦାସୁଡୁ ସତ୍ୟମ ସେବା କଳା କେନ୍ଦ୍ର (ଭାଗବତ ଗାଦି)ର ସଭାପତି ତଥା ନୃତ୍ୟଗୁରୁ ବଡଦାସୁଡୁ ଆର୍.ସତ୍ୟମ ରେଡ୍ଡୀ କାର୍ଯ୍ୟ କରିଆସୁଛନ୍ତି ।

## ମୋଟର ଚାଳକଙ୍କ ସାମାଜିକ ସୁରକ୍ଷା ନେଇ ଦାବୀ




ଡେଲାଙ୍ଗ, (ନିପ୍ର) : ଓଡିଶା ମୋଟର ଚାଳକ ସଂଘର ଡେଲାଙ୍ଗ ଶାଖା ପକ୍ଷରୁ ମୋଟର ଚାଳକଙ୍କ ସାମାଜିକ ସୁରକ୍ଷା ପାଇଁ ବାବା ବଣୀବକ୍ରେଶ୍ୱର ପୀଠସ୍ଥଳୀ କୁଆପଦା ଠାରେ ସ୍ଥାନୀୟ ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉପଦେଷ୍ଟା ବ୍ରଜକିଶୋର ସାହୁ ମଂଚ ସଂଯୋଜନା କରିଥିବା ବେଳେ ଭାସ୍କର ବଳିଆରସିଂହ ଅତିଥି ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏଥିରେ ଯୁବ ସମାଜସେବୀ ତଥା ଆଇନଜୀବୀ ଶଶି ଶେଖର ରାୟ ମୁଖ୍ୟଅତିଥି ରୁପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜୀକ କର୍ମୀ ଅମରଜିତ୍ ସେନାପତି, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ସଂଗଠନ ସଂପାଦକ ସନ୍ତୋଷ କୁମାର ମଙ୍ଗରାଜ, ପୁରୀ ଜିଲ୍ଲା ସଂଘର ସଭାପତି ରାମଚନ୍ଦ୍ର ସାହୁ, ରାଉରକେଲା ସଂଘର ପରିକ୍ଷିତ ମହାରଣା ପ୍ରମୁଖ ଯୋଗଦେଇ ଓଡିଶାରେ କାର୍ଯ୍ୟରତ ମୋଟର ଚାଳକଙ୍କ ସାମାଜିକ ସୁରକ୍ଷା, ସଡକ ସୁରକ୍ଷା ଓ ନିରାପତ୍ତା, ନିଶାମୁକ୍ତ ମୋଟରଯାନ ଚାଳନା, ବରିଷ୍ଠ ଚାଳକଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା, ରକ୍ତଦାନ ଶିବିର ଏବଂ ମୋଟର ଚାଳକ ଦିବସ(ଡ୍ରାଇଭରସ୍ ଡେ) ପାଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୋଟର ଚାଳକଙ୍କ ସାମାଜିକ ସୁରକ୍ଷା ପାଇଁ ପାଣ୍ଠି ଗଠନ ସହ ଡିଜେଲ, ପେଟ୍ରୋଲ ମୋଟର ଯାନ ବିକ୍ରିର ୧ ପ୍ରତିଶତ ବା ବିଚାର ଯୋଗ୍ୟ ଅଂଶ ସଂଗ୍ରହ କରାଯାଇ ଏହି ପାଣ୍ଠି ବୃଦ୍ଧି କରିବାକୁ ସରକାର ତୁରନ୍ତ ନିଷ୍ପତି ନେବାକୁ ଦାବୀ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଶତାଧିକ ମୋଟର ଚାଳକ ଅଂଶ ଗ୍ରହଣ କରିଥିଲେ । ସୁକାନ୍ତ ପ୍ରଧାନ, ଦିପ୍ତିରଜଂନ ମହାପାତ୍ର, ଧରଣୀଧର ବାରିକ ଓ ଜଗମୋହନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଦୈତାରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୋଗୀମୁଣ୍ଡାରେ ନବ ନିର୍ମିତ ଉପସ୍ୱାସ୍ଥ୍ୟ କେନ୍ଦ୍ର : ଠାନ୍ ତ ଅଛେ ବାଟ ନାଇଁ




ପାଟଣାଗଡ଼, (ନିପ୍ର) : ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ମାନ ନିର୍ମାଣ କରିଛନ୍ତି । ହେଲେ ଲୋକଙ୍କ କାମରେ ଆସୁନଥିବା ସହ ପରିତ୍ୟକ୍ତ ଅବସ୍ଥା ପଡିରହିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ପାଟଣାଗଡ ବ୍ଲକ ଯୋଗୀମୁଣ୍ଡା ଗ୍ରାମରେ ସରକାରଙ୍କ ପକ୍ଷରୁ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରକୁ ଲୋକାର୍ପଣ କରାଯାଉନଥିବା ଅଭିଯୋଗ ହେଉଛି । ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଅନାବନା ଘାସ ଉଠି ପରିତ୍ୟକ୍ତ ଅବସ୍ଥା ପଡିରହିଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରକୁ ଯିବା ଆସିବା ପାଇଁ ରାସ୍ତା ନଥିବା ମଧ୍ୟ ଅଭିଯୋଗ ହେଉଛି ।

ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ରାସ୍ତା ନଥିବା ଯୋଗୁଁ ଲୋକେ ‘ଠାନ୍ ତ ଅଛେ ବାଟ ନାଇଁ’ ବୋଲି କୁହାକୁହି ହେଉଥିବା ଶୁଣିବାକୁ ମିଳିଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ସହ ରାସ୍ତା ନିର୍ମାଣ ବ୍ୟବସ୍ଥା କରିବାକୁ କୋଶଳ ରାଜ୍ୟ ସମ୍ୱନିୟ ସମିତି ସଭାପତି ବନମାଳୀ ନାଏକ, କୋଶଳ ରାଜ୍ୟ ସମ୍ୱନିୟ ସମିତି ଯୁବ ସଂଗଠକ ଗିରିଧାରୀ ଭୋଇ, ଅଚ୍ୟୁତ ସିପୁନ ଖମାରି ପ୍ରମୁଖ ଦାବୀ କରିଛନ୍ତି ।

## ହାଇସ୍କୁଲ ପରିବେଶ ଦେଖି ଜିଲ୍ଲାପାଳ ଆନନ୍ଦିତ



ପଦ୍ମପୁର, (ନିପ୍ର) : ବରଗଡ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ବାପୁଜୀ ଉଚ୍ଚବିଦ୍ୟାଳୟକୁ ଗତକାଲି ଅଚାନକ ବରଗଡ ଜିଲ୍ଲାପାଳ ମୋନିଷା ବାନାର୍ଜୀ, ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବଣ୍ଡୁଆଁ, ସମାଜସେବୀ କିଶୋର ଚନ୍ଦ୍ର ଦେବତା ପରିଦର୍ଶନ କରିଥିଲେ । ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦତ୍ତ ଅର୍ଥରାଶି ଯାହାକି ସ୍କୁଲ ଭିତ୍ତିଭୂମି ବିକାଶ ନିମନ୍ତେ ବ୍ୟବହାର ହେବା ଉଚିତ୍, ତାହାର ତଦାରଖ କରିଥିଲେ ।

ଏହି ଯୋଜନାରେ ବିଦ୍ୟାଳୟର ଦୁଇଟି ସ୍ମାର୍ଟକ୍ଲାସ୍, ଗୋଟିଏ ବିଜ୍ଞାନ ପରୀକ୍ଷାଗାର ଏବଂ ଗୋଟିଏ ଇ-ଲାବ୍‌ରୋଟାରୀ ଗୃହ ପରିଦର୍ଶନ କରିଥିଲ । ନିର୍ମାଣ କାର୍ଯ୍ୟଟି ଦେଖିବାକୁ ଅତି ମନୋରମ ହୋଇଥିବାରୁ ଆନନ୍ଦିତ ଓ ଖୁଶି ଅନୁଭବ କରିଥିଲେ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ କିଛି ସମୟ କଟାଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳ ଛାତ୍ର ଛାତ୍ରୀଙ୍କୁ ବିଜ୍ଞାନ ସମ୍ବନ୍ଧୀୟ କିଛି ପ୍ରଶ୍ନ ପଚାରିଥିଲେ, ଛାତ୍ରଛାତ୍ରୀ ମଧ୍ୟ ଜିଲ୍ଲାପାଳ ପଚାରିଥିବା ପ୍ରଶ୍ନର ଚଟାପଟ ଠିକ୍ ଉତ୍ତର ଦେଇଥିଲେ । କରୋନାର ତୃତୀୟ ଲହର ଅସୁଛି ସମସ୍ତେ କୋଭିଡ କଟକଣାକୁ ମାନି ଚଳିବା ପାଇଁ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲାକାନ୍ତ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଶୈଳବାଳା ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ହାଇସ୍କୁଲ ପରିବେଶ ଦେଖି ଜିଲ୍ଲାପାଳ ଖୁସି ଅନୁଭବ କରିଥିଲେ ।

# ରାଉରକେଲାରେ ରେଳ ଡିଭିଜନ ପାଇଁ ଖଣିଜ ଓ ପରିବହନ ମନ୍ତ୍ରୀଙ୍କୁ ସ୍ମାରକପତ୍ର



ରାଉରକେଲା, (ନିପ୍ର) : ରାଉରକେଲାରେ ରେଳ ଡିଭିଜନ ଓ ବନ୍ଧମୁଣ୍ଡା ଠାରେ ଏକ ରେଳ କୋଚ ଫ୍ୟାକ୍ଟ୍ରି ପ୍ରତିଷ୍ଠା ନେଇ ଏକ ସ୍ମାରକପତ୍ର ରାଜ୍ୟ ଖଣିଜ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ପ୍ରଦାନ କରାଯାଇଛି । ଏହି ସଂପର୍କରେ ରାଉରକେଲା ରେଲୱେ ଡିଭିଜନ ଆକ୍ସନ କମିଟି ତରଫରୁ ସ୍ଥାନୀୟ ଦୀପ୍ତି ହୋଟେଲ୍ ଠାରେ ମନ୍ତ୍ରୀଙ୍କୁ କମିଟିର ଆର୍ତ୍ତତ୍ରାଣ ମହାରଣା, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁମନ ଦତ୍ତ, ପଶୁପତିନାଥ ଚାଟାର୍ଜୀ, ଦିଗମ୍ବର ମହାନ୍ତି, ସତ୍ୟାନନ୍ଦ ବେହେରା, ସୁପ୍ରତିକ ମିଶ୍ର, ପ୍ରହ୍ଲାଦ ନାୟକ, ସଂଜୀବ ନାୟକ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଭେଟି ଏହି ସଂପର୍କରେ ଆଲୋଚନା କରି କିପରି ଏହି ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ, ସେହି ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ସୂଚନା ଯୋଗ୍ୟ ଯେ, ଏହି ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଦୁଇଥର କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ । ସେହିପରି ରାଉରକେଲା ରେଳ ଡିଭିଜନକୁ ଦକ୍ଷିଣ ପୂର୍ବ ରେଳବାଇର ଅନ୍ତର୍ଗତ କରିବାକୁ ଦାବୀ କରାଯାଇଛି । ରେଳବାଇର ସିଂହ ଭାଗ ଅର୍ଥ ଏହି ଖଣିଖାଦାନ ଅଂଚଳରୁ ଆଦାୟ ହେଉଥିଲେ, ହେଁ ଏହା ପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି । ମନ୍ତ୍ରୀ ଶ୍ରୀ ବେହେରା ସମସ୍ତ ଅବଗତ ହେବାପରେ ଏହା ଉପରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ ।

# ବିକଳ୍ପ ଶିକ୍ଷା କାର୍ଯ୍ୟକ୍ରମର ଅନ୍ତିମ ଉପଲବ୍ଧିର ମୂଲ୍ୟାୟନ ସମାପ୍ତ



ବରଗଡ, (ନିପ୍ର) : ବରଗଡ ଜିଲ୍ଲାରେ ବିକଳ୍ପ ଶିକ୍ଷା କାର୍ଯ୍ୟକ୍ରମ (ଏ.ଆଇ.ପି)ର ଆଜି ଅନ୍ତିମ ଉପଲବ୍ଧି ମୂଲ୍ୟାୟନ(ଏଣ୍ଡ ଲାଇନ୍ ଏସେସ୍‌ମେଣ୍ଟ) ଇତି ମଧ୍ୟରେ ଶୃଙ୍ଖଳାର ସହ ସମାପ୍ତ ହୋଇଯାଇଛି । ବରଗଡ ଡାଏଟରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ମାନେ ନିଜ ନିଜ ଗାଁରେ ଥିବା ଅନୁନ୍ୟ ୧୦ଜଣ ଲେଖାଏଁ ପ୍ରାଥମିକ ଛାତ୍ରଛାତ୍ରୀ ମାନଂକର ପରିକ୍ଷା କରିଥିଲେ । ବରଗଡ ଡାଏଟର ସମସ୍ତ ଅଧ୍ୟାପକ ମାନେ ପ୍ରତେିକ ବ୍ଲକ୍‌କୁ ଯାଇ ଏହି ମୂଲ୍ୟାୟନ କାର୍ଯ୍ୟକ୍ରମକୁ ନିରିକ୍ଷଣ କରିଥିଲେ । ଭଟଲି ବ୍ଲକକୁ ସରୋଜ ଛତ୍ରିଆ, ଗାଇସିଲେଟକୁ ଜନକ ସେଠ୍, ପଦ୍ମପୁରକୁ ଗଗନ ବେହେରା, ଅତାବିରାକୁ ସୀମା ସାହୁ, ବରପାଲିକୁ ମଞ୍ଜୁସା ଦୋରା, ବରଗଡକୁ ବବିତା ସାହୁ, ପାଇକମାଳକୁ ସସ୍ମିତା ସାହୁ, ବିଜେପୁର ଭେଡେନକୁ ରମେଶ ଚନ୍ଦ୍ର ସାହୁ ଏବଂ ସୋହେଲା ବ୍ଲକ୍‌କୁ ରୀମା ଭୋଇ ପରିଦର୍ଶନ କରିଥିଲେ ।

# ଗଣେଶ ବିସର୍ଜନ କରିବାକୁ ଯାଇ ୩ ଯୁବକ ମୃତ



ନୂଆପଡା, (ନିପ୍ର) : ସୁନାବେଡା ଗୋଧସ ଜଳ ପ୍ରପାତରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ୩ ଜଣ ଯୁବକ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ । ୨୪ ଘଣ୍ଟା ପରେ ଆଜି ଅପରାହ୍ନରେ ୩ ଜଣ ଯୁବକଙ୍କ ମୃତ ଦେହ ପାଣିରୁ ଉଦ୍ଧାର କରାଯାଇଛି ।

ସୂଚନା ଅନୁସାରେ ସମସ୍ତ ଯୁବକ ବାହାର ରାଜ୍ୟର ଏବଂ ଏଠାରେ ଏକ ମଦ ଦୋକାନରେ କାମ କରୁଥିଲେ । ମୃତକ ମାନେ ନୂଆପଡା ସହରର ବରଗଡ ରାସ୍ତାର ବିଦେଶୀ ମଦ ଦୋକାନରେ ୬ଜଣ କର୍ମଚାରୀଙ୍କ ସହ ଗତକାଲି ଅପରାହ୍ନରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ସଦର ବ୍ଲକ ଧରମବନ୍ଧା ଥାନା ଲୋଦ୍ରା ସ୍ଥିତ ସୁନାବେଡା ଅଭୟାରଣ୍ୟର ଗୋଧସ ଜଳ ପ୍ରପାତକୁ ଯାଇଥିଲେ । ପାଣି ପଡୁଥିବା ସ୍ଥାନକୁ ମୂର୍ତ୍ତି ଧରି ମୃତ ୩ ଜଣଙ୍କ ସମେତ ୪ ଜଣ ଯୁବକ ପଶିଥିଲେ । ହେଲେ ଭଉଁରୀରେ ଫଶୀ ଆଉ ବାହାରି ପାରି ନ ଥିଲେ । କୌଣସି ମତେ ଚତୁର୍ଥ ବ୍ୟକ୍ତି ପ୍ରେମ କୁମାର ଗୁପ୍ତା ଭଉଁରୀରୁ ବାହାରିବା ପାଇଁ ସମର୍ଥ ହୋଇଥିଲେ । ବହୁତ ସମୟ ଧରି ସେ ପାଣି ଭିତରେ ବନ୍ଧୁ ମାନଙ୍କୁ ଖୋଜା ଖୋଜି କରିଥିଲେ ହେଲେ ସେମାନଙ୍କ ଠାବ ପାଇଁ ନଥିଲେ । ଶେଷରେ ସେ ଫେରି ଆସି ପୋଲିସର ସହାୟତା ନେଇଥିଲେ । ସନ୍ଧ୍ୟାରେ ପୋଲିସ ସହ ଅଗ୍ନିଶମ ବାହିନୀ ପହଂଚି ସର୍ଚ୍ଚ ଅପରେସନ ଚଲାଇଥିଲେ । ହେଲେ ରାତି ହେବାରୁ ବିଫଳ ହୋଇଥିଲେ । ଆଜି ସକାଳୁ ଧରମବନ୍ଧା ଥାନା ପୋଲିସ ଓ ନୂଆପଡା ଅଗ୍ନିଶମ କର୍ମଚାରୀ ପୁଣି ଅପରେସନ ଆରମ୍ଭ କରିଥିଲେ । ପୂର୍ବାହ୍ନ ୧୦ରେ ପ୍ରଥମେ ଅମିତ ଓ ୧୧ଟାରେ ସେଲମେନ ରାଜକୁମାରଙ୍କ ମୃତଦେହକୁ ପାଣି ଭିତରୁ ବାହାର କରିଥିଲେ । ହେଲେ ମେନେଜର ନୀଲେଶଙ୍କ କୌଣସି ଖୋଜ ଖବର ମିଳିନଥିଲା ।

ବହୁତ ଖୋଜା ଖୋଜି ପରେ ମଧ୍ୟାହ୍ନ ୧ଟାରେ ବହୁତ କଷ୍ଟରେ ଅଗ୍ନିଶମ ବାହିନୀର ୨ କର୍ମଚାରୀ ମେନେଜର ନୀଲେଶଙ୍କ ମୃତଦେହକୁ ପାଣି ଭିତରୁ ଉଦ୍ଧାର କରିଥିଲେ । ଅପରାହ୍ନରେ ଧରମବନ୍ଧା ପୋଲିସ ୩ଜଣ ମଦ ଦୋକାନ କର୍ମଚାରୀଙ୍କ ମୃତ ଦେହକୁ ଜବତ କରି ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ




ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା ଖଡିଆଳ ୩୫୩ନଂ ଜାତୀୟ ରାଜପଥ ଚକାଡଙ୍ଗର ଠାରେ ଅଜଣା ବୋଲେରୋ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ସୂଚନା ମତେ ବୋଡେନ ଥାନା ଅନ୍ତର୍ଗତ ବଲଧାଁ ଗ୍ରାମର କ୍ଷୀରସିନ୍ଧୁ କରୁଆ (୨୭) ଏକ ବାଇକ ଯୋଗେ ଖଡିଆଳରୁ କାମ ସାରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ୩୫୩ନଂ ଜାତୀୟ ରାଜପଥ ଚକାଡଙ୍ଗର ପାଖରେ କ୍ଷୀରସିନ୍ଧୁଙ୍କୁ ଅଜଣା ବୋଲେରୋ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଖଡିଆଳ ପୋଲିସ ଉଦ୍ଧାର କରି ଖଡିଆଳ ଉପଖଣ୍ଡର ଚିକିତ୍ସାଳୟରେ ଭର୍ତି କରିଥିଲେ । ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖଡିଆଳ ପୋଲିସ ଦୁର୍ଘଟଣା ଘଟାଇ ଚାଲିଥିବା ବୋଲେରୋର ସନ୍ଧାନ କରୁଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠି ପ୍ରକାଶ କରିଛନ୍ତି ।

# ଲକ୍ଷ୍ମୀମୁଣ୍ଡାରେ ଗଣେଶ ପୂଜା ଉପଲକ୍ଷେ ଡେନ୍ସ ପ୍ରତିଯୋଗିତା



ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଗେର୍ଡା ପଞ୍ଚାୟତ ଲକ୍ଷ୍ମୀମୁଣ୍ଡା ଗ୍ରାମର ଗଣେଶ ପୂଜା କମିଟିଙ୍କ ଆନୁକୂଲ୍ୟରେ ଏକ ଡେନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗେର୍ଡା ପଞ୍ଚାୟତ ସମିତି ସଭ୍ୟ ମୋହନ ପଣ୍ଡା ମୁଖ୍ୟ ଅତିଥି, ୱାର୍ଡ ମେମ୍ବର ଜିତରାମ ବରିହା, ଗ୍ରାମ୍ୟ କମିଟି ସଂପାଦକ ଦୂର୍ଯ୍ୟୋଧନ ବରିହା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ୍ୟାସ ଲକ୍ଷ୍ମୀମୁଣ୍ଡା ସଂପାଦକ ମିନକେତନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମର୍ତ୍ତିରେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇଥିଲା । ସମ୍ବଲପୁରୀ ନୃତ୍ୟ, ସଂଗୀତ, ଭଜନ, ଗୃପଡେନ୍ସ ଆଦି ନୃତ୍ୟ ପରିବେଷଣ ହୋଇଥିଲା । ଗୃପଡେନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଙ୍ଗାସାଗର, ଦ୍ୱିତୀୟ ସ୍ଥାନ ଭଇଁଷା, ବନକାବିହର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ମାନପତ୍ର ଓ ପୁରସ୍କାର ରାଶି ପ୍ରଥମ ୩୦୩୦, ଦ୍ୱିତୀୟ ୨୦୩୦, ତୃତୀୟ ୧୦୧୦ ଦେଇ ସମ୍ମାନିତ କରିଥିଲେ ।

ଜୀବନ୍ୟାସର ସଂପାଦକ ମିନକେତନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ଆମ କଳା ସଂସ୍କୃତି ଆମ ପରମ୍ପରା ଉପରେ ବିଶଦ ଭାବରେ ଆଲୋକପାତ କରିଥିବା ବେଳେ କରୋନା କଟକଣା ନିୟମ ମାନି ଚାଲିବାକୁ ପରାମର୍ଶ ଦେବା ସାଙ୍ଗକୁ ନୂଆଁଖାଇ ଶୁଭେଚ୍ଛା କୃତଜ୍ଞତା ଜ୍ଞାପନ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିବା ବେଳେ ରମେଶରଣା ମଞ୍ଚ ପରିଚାଳନା କରିଥିଲେ । ଡେନ୍ସ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଜଜ୍ ଭାବରେ ବାଲିପଟାର ରୀମା ବାଗ, ଦୁନ୍ଧେଲର ଦିଲିପ କୁମାର ବର୍ଗେ ଦାୟିତ୍ୱ ନିର୍ବାହ କରିଥିଲେ । ଗଣେଷ ପୂଜା କମିଟି ଓ ଗ୍ରାମବାସୀ ସହଯୋଗ କରିଥିବା ବେଳେ ଜୀବନ୍ୟାସ ସଂପାଦକ ମିନକେତନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତା ସଂପର୍କରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ




ବଲାଙ୍ଗିର, (ନିପ୍ର) : ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଂଜ ବିହାରୀ ଧଳ ଆଜି ପୂର୍ବାହ୍ନରେ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ବିଭିନ୍ନ ବିଦ୍ୟୁତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସବିଶେଷ ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଥିବା ମେଗା ଲିଫ୍ଟ ପ୍ରକଳ୍ପ ଗୁଡ଼ିକ ନିମନ୍ତେ ଥିବା ବିଦ୍ୟୁତ ବ୍ୟବସ୍ଥା, ଏହାର କାର୍ଯ୍ୟକାରିତା ଏବଂ ରକ୍ଷଣା ବେକ୍ଷଣ ସଂପର୍କରେ ସମୀକ୍ଷା କରିବା ସହ ଗ୍ରାମ୍ୟ ଜଳ ଓ ପରିମଳ ବିଭାଜନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ ମାନଙ୍କର ବିଦ୍ୟୁତ ବ୍ୟବସ୍ଥା ଓ ଜିଲ୍ଲାରେ ଥିବା ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ବିଭାଗୀୟ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା, ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ମିଶ୍ର, ଓପିଟିସିଏଲ୍‌ର ପ୍ରୋଜେକ୍ଟ ନିର୍ଦ୍ଦେଶକ ରାଜୀବ ଲୋଚନ ପଣ୍ଡା, ଟିପୁଡବ୍ଲ୍ୟୁ ଓ ଡିଏଲ୍ ବୁର୍ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍.କାଲେ, ସିଓ ସୁମିତ ଘୋଷ, ଅଧିକ୍ଷଣ ଯନ୍ତ୍ରୀ ରଂଜନ କୁମାର ନାଏକଙ୍କ ସମେତ ସଂପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ପରେ ପ୍ରମୁଖ ଶାସନ ସଚିବ ଶ୍ରୀ ଧଳ କ୍ଷେତ୍ର ପରିଦର୍ଶନରେ ଯାଇ ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କାର୍ଯ୍ୟକ୍ରମ ଜରିଆରେ ଅଣ ସଂକ୍ରମଣ ରୋଗ ଯାଂଚ, ଔଷଧ ଓ ବିଭିନ୍ନ ପରୀକ୍ଷାର ସୁବିଧା ସଂପର୍କରେ ତଦାରଖ କରିଥିଲେ । ସେଠାରେ ଆରକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟବସ୍ଥା କରାଯାଇଥିବା ଡିଜିଟାଲ ପରୀକ୍ଷଣ ଯନ୍ତ୍ରର ବ୍ୟବହାର ଓ ପ୍ରସୂତୀ ଗୃହର ଉନ୍ନତିକରଣ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ପରେ ପ୍ରମୁଖ ଶାସନ ସଚିବ ଶ୍ରୀ ଧଳ ବଲାଙ୍ଗିର ସରକାରୀ ଆଇଟିଆଇ ପରିସରରେ ଜେଆର୍‌ଜି ଏଜୁକେସନାଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଡିଡିୟୁ-ଜିକେୱାଇ ଦକ୍ଷତା ତାଲିମ କେନ୍ଦ୍ର ପରିଦର୍ଶନ କରି ଛାତ୍ରମାନଙ୍କ ସହ ତାଲିମ ବ୍ୟବସ୍ଥା ଓ ପ୍ଲେସ୍‌ମେଂଟର ସୁଯୋଗ ସଂପର୍କରେ ଆଲୋଚନା କରିଥିଲେ । ସେ ସେଠାରେ ଥିବା ୱାର୍କସପ୍ ଓ କ୍ଲାସ୍‌ରୁମ୍ ପରିଦର୍ଶନ କରିଥିଲେ । ଏହାପରେ ପ୍ରମୁଖ ଶାସନ ସଚିବ ଶ୍ରୀ ଧଳ ସଦେଇପାଲି ଠାରେ ଥିବା ସୋଲାର ପାୱାର ପ୍ଲାଣ୍ଟ ଓ ୨୨୦/୧୩୨/୩୩ କେଭି ଗ୍ରୀଡ଼ ସବ୍‌ଷ୍ଟେସନ୍ ପରିଦର୍ଶନ କରିଥିଲେ ।

# ବରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନରେ ବ୍ୟାପକ ସୁଯୋଗ ରହିଛି

ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲାରେ ଶିଳ୍ପଦ୍ୟୋଗୀ ସ୍ଥାପନରେ ବ୍ୟାପକ ସୁଯୋଗ ରହିଛି ବୋଲି ଆଜି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ ମତବ୍ୟକ୍ତ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଶିଳ୍ପଦ୍ୟୋଗୀମାନଙ୍କୁ ଋଣ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି । ଶିଳ୍ପଦ୍ୟୋଗୀମାନେ ଏହାର ସୁଯୋଗ ନେବାକୁ ସେ ବୈଠକରେ ପରାମର୍ଶ ଦେଇଥିଲେ । ବରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଖାଦ୍ୟ ପକ୍ରିୟାକରଣ ଉଦ୍ୟୋଗ, ଷ୍ଟାର୍ଟ ଅପ ଓଡ଼ିଶା, ତଥା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ମୋନୀଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଲକ୍ଷ୍ମୀ ଧରି ସୋରେନ୍, ତଥା ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ । ପରେ ବରଗଡ଼ର ଶିଳ୍ପଦ୍ୟୋଗୀ ମାନଙ୍କ ସହ ସାର୍କିଟ ହାଉସରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।



ସଂକୀର୍ତ୍ତନ ମହାଲିଙ୍ଗ

## ଦର୍‌ପନ୍

### ଲହ ଯଉଛେ ବୁହି

କଏଁଟୁର୍ ଦୁଆରେ ବସିଛେ ନିଏ
କଏଁଟୁ ବୁଢ଼ାକେ ପୁଷ୍‌ବା କିଏ ?

ହେଇଛେ ତାହାକେ ପକ୍ଷାଘାତ୍
ଟୁଁଡ୍ ମୁଡ୍ ତାର୍ ନାଇଁ ଫୁଟ୍‌ବାର୍
ନାଇଁ ଚଲ୍‌ବାର୍ ଗୋଡ୍ ହାତ୍ ।

ପଡ଼ିଛେ ବୁପ୍‌ରା ଖଟେ
ମଲା ବେଲ୍‌କେ ଥିର୍ ଢୁକେ ଲାଗି
କଥା ପଡ୍‌ଲାନ’ ଭଁଟେ ।

ପୁଓମାନେ ତାର୍ ଅନ୍‌ମୁନ୍‌ଷିଆ
ଭଲ କଥା ପଦେ କହେଲେ କିଏ
ଟିପି ଲେଁଜେ ହଉଛନ୍ ଠିଆ ।

ବଡ଼୍‌ଟା ବଲୁଛେ ସାନ୍‌ଟା ଖାଇଛେ
ବୁଢ଼ାର୍ ସବୁ ଭତା
ତାପ୍‌ନେ ବୁଢ଼ାକେ ନେଇଁ ସଁକଲିବା ଯେ
କିଏ ସେ ସଁକଲି ଦେତା !

ସାନ୍‌ଟା ବଲୁଛେ ଛ’ ମାସର୍ ଭତା
ବଡ଼୍‌ଟା ଆନିଛେ ଛିନି
କିଏ ଖାଏବା ହାଏ ସୁଖେ ଆରୁ
କିଏ ହେବା ଘାଁଟିସାନି ।

ତାପ୍‌ନେ ସଁକ୍‌ଲା ବେଟ୍‌ଲା କରୁ
ମୋର୍ ଭର୍‌କ’ ତ ନେଇଁ ସଁକ୍‌ଲେଁ
ବୁଢ଼ା ମରୁଛେ ତ’ ମରୁ ।

କହି ସିନେ ନାଇଁ ପାରୁଛେ ବୁଢ଼ା
ସବୁ ପାରୁଛେ ଶୁନି
କୁର୍‌କୁଟି ମନ୍
କର୍‌ଲେହି କାନ୍ଦୁଛେ
ହେଇକରି ହୁର୍‌ଗୁନି ।

ନାହି କଟା ଠାନୁ
ବିହା ବର୍‌ପନ୍ ତକ୍
ପିଲାକୁ କେନ୍‌ତା ପୁଷିଛେ
କେନ୍ ଦରବ୍ ଲାଗି
କେନ୍ ପିଲା ତାର୍
କେନ୍‌ତା ହେଇ ରୁଷିଛେ
ସବୁ ହଉଛେ ହେତେଇ
ଭୁଜିଖିଆ ଠାନୁ ଛୁଆକର୍ ଲାଗି
ମିଠା ଆନୁଥିଲା ଗଁଠେଇ ।

ଦୁହି ପିଲାକେ
ଖନ୍ଦ୍‌ଗୁର୍‌ହା କରି
ବୁଲେଇ ନଉଥିଲା
କେତେ ଠାନ୍‌କେ
ପଡ଼ି ରହେଲା ବଲି ଇହାଦେ
ବୋଝ୍ ଲାଗୁଛେ ପିଲା ମାନ୍‌କେ ।

ବୁଢ଼ା ନାଇଁ ପାରୁଛେ କହି
ସଲୋ ସଲୋ ଦୁହି ଆଁଖିର୍ କନୁ
ଧାର୍ ଧାର୍ ଲହ
ଯଉଛେ ବୁହି ।।

ମୋବାଇଲ୍ ନଂ.୯୯୩୭୧୨୯୮୮୧

### ବାଟ୍

ବିଜୟ ପ୍ରଧାନ



ସକାଲ୍ ହେଲେ କାଏଁ ଭାବ୍‌ଟା ଦୁକାଲ୍
ମହରଗେ ହେସି ବଡ଼୍‌ତି ?
ପଡ଼୍‌ସି ଚଢ଼େନ୍ ଝୁରିର୍ ମୁଡ଼େଁ ବାଡ଼ି
ଯିମି ବଲ୍‌ସି ଯେ ତୁର୍‌ତି ।

ବାଟ୍ କଢୁଆଲ୍ କଁଟାଝଁଟା ମାଡ଼ି
ଭୁଗିଥିସି ଯେନ୍ ଦୁଖ୍
ପଛୁଆଲ୍ ତାର୍ ବାଟେ ଯାଇକରି
ଆବ୍‌ରିସି ସିନେ ସୁଖ୍ ।

ପାଚ୍‌ଲା ବାଟ୍ ଥିଁ ସୁତ୍‌ରାଲେ ଦିନେ
ପୁହୁଁଚିବୁ ସିନେ କଁଟେ
ମୋର୍ ବାଟ୍ ବଲିଁ ପାଚ୍‌ଲା ବାଟ୍‌କେ
କହିପାର୍‌ବୁ କାଏଁ ଠାଟେ ।

ଯେନ୍‌ଟା ବି ଥିଲା ଅଛେ ଆରୁ ଥିବା
ସେଟାକେ ସମ୍‌ହାଲି କରି
ରଖ୍‌ମା ସିନେ ଗା ସେ ସେ କଥା ଥିଁ
କାଏଁଯେ ମରୁଥିମା ଝୁରି ।

ବଦ୍‌ଲି ଯଉଛେ ଛନେକେ ଧର୍‌ତି
ପୁର୍‌ଥାର୍ ଗଡ଼ିରୂପ୍
ବଦ୍‌ଲିଲା ଟାକେ ଆବ୍‌ରି ନଉଁ ଯେ
ନାଇଁ ପଉଁ ଜହ ଦୁଖ୍ ।

ନେଇଁହେଲେ ଦିନ୍‌ଟେ ଏନ୍‌ତା ଆଏବା
ସମିଆ ମାର୍‌ବା ଲାତ୍
କାଲ୍‌ଜଏ ବଲିଁ ବୁଝା ବୁହିଥିମା
ଆରୁ ଶୁଇନ୍ ଥିବା ହାତ୍ ।।

### ସଁସାର

ସୁଶୀଲ କୁମାର ତ୍ରିପାଠୀ



ସଁସାରେ ଘର୍ କରିଛୁଁ ପରେ
ବାହିନେବାକେ ପର୍‌ଛା, ସଫା
ସୁଖର୍ ଜୀବନ୍ ଟେ
କେତେ ଯେ ସପନ୍
ଆଶା ନିରାଶାର୍ ହତାସ୍ ପନ୍
ରଙ୍ଗିନ୍ ଦୁନିଆଁର୍ ମଁଚାନ୍ ଥି
ଅଭିନଏ ସର୍‌ଲେ ଫୁର୍‌ର୍ !

ମମ୍‌ତା ସେନେହର୍ ଧାରେ
ଯୁରି ହେଇଛେ ରଙ୍ଗ୍ ବିରଙ୍ଗ୍
ସାଗୁଆ ସାଜୋର୍ ବାସ୍‌ନା ସବୁ
ଖାଲି ଚଲି ଜାନ୍‌ଲେ ବେଟା
ହେବୁ ବହଙ୍ଗର୍ ।

ସତ୍ ଲୁକି ନାଇଁ ରହେ
କଢ଼ୋଁ ଫୁଟ୍‌ଲେ
ଅବେଶ୍ ଫୁଲ୍
ମହକିଯିବା ଫର୍‌ଲଙ୍ଗ୍
ସବୁ ତ’
ହେ ବଡ଼୍‌ଲୁକିର୍ କମାଲ୍
ହେ କାଏଁ ନାଇଁ ତାକୁଛେ ?
ତାର୍ ଯାଦୁଗରୀ,
ଧନର୍ ମାଥେବରୀ
କର୍‌ନୀର୍ କାରିଗରୀ
କହ, କିଏ ହେଇ ପାର୍‌ବା
ତାର୍ ସରି ? ?

ସେ ତ’ ଜଗତ୍‌ପିତା
ଗିରି ଗୋବର୍‌ଧନ୍‌ଧାରି
ତାର୍ ମହିମା କିଏ ପାର୍‌ବା କଲି ।।

### ତୁଇ କେଭେ ଆଏବୁ ?

ଅଞ୍ଜଳି ମାଝି



ତୋର୍ ବାଟ୍ ଦେଖି ଦେଖି
ଆଁଖିର୍ ପାଏନ୍ ଆଏଁଖି ଥି ମରିଗଲା ନ’
ତୁଇ କେଭେ ଆଏବୁ ଗୋ ?

ହେ ଠୁଟା ବରଗଛ୍ ତଲର୍ କୁକୁର୍‌ମନେ
ମତେ ଦେଖିକରି ହଁସୁଛନ୍
ଫଟା ମଏଲାଫିକା ଢ଼ୋଲ୍ ବି
ମତେ ଦେଖି ଫେଡ୍‌ରେଇ ହଉଛେ-
ଦେଖ୍ ତ’.... ତୁଇ ଆମର୍ ନୁଁ ବି କେତେ ହୀନ୍ !
କିଛି ନି’ହେଲେ ମୋର୍ ଭିତ୍‌ରେ ତ’
ଅଏଁଠାଖିଆ ବୁଲା କୁକୁର୍‌ମନେ
ତାକର୍ ଜୀବନ୍ ନୁରୁଛନ୍ ।

ଖରା ନାଇଁ, ତରା ନାଇଁ
ମୁଇଁ କାହାକେ ବାଟ୍ ଦେଖୁଛେଁ
କିହେ ମୋର୍ ଆଶ୍‌ରା ନାଇଁ
ମୋର୍ ବୁଆ ଆଏବା ବଲି
ଛୁଚାଟା କେ କେତେ ଗହକି ହଉଛେଁ ।

ଫଟ୍‌ଫଟି ଗୁଟେ ଘୁର୍‌ର୍ କଲେ
ଘାଏତ’ ବସ୍‌ତିଁ ବଲି
ଫାଟକ୍ ନିକେ ନର୍‌ଦି ଯଉଛେଁ ।
ମୋର୍ ଇ’ ଅନ୍ଧାର୍ ରାଏତ୍ ଟା କେଭେ ଯିବା
ଆରୁ କେଭେ ସକାଲ୍ ପାଏବା
ଧୀର୍ ନାଇଁ ଧରି ପାରେଁ ନ ଗୋ’
ମୁଇଁ ବି ତ’ ମୁନୁଷ୍ ଛୁଆ ଟେ ଆଏଁ !

ଲୁକର୍ ବୁଆମାନ୍‌କୁଁ ଦେଖ୍‌ଲେ
ଛାତି ମୋର୍ କର୍‌ତି ହେଇ ଯାଏସି
ସତ କହ ତ’ ମତେ
ତୁଇ କେଭେ ଆଏବୁ ଗୋ ବୁଆ
ତୁଇ କେଭେ ଆଏବୁ ? ?

### ପୁସ୍ ହଉ କି ଫଗୁନ୍

ଗଜାନନ ମିଶ୍ର

ପୁସ୍ ହଉ କି ଫଗୁନ୍
ଯମ୍‌ରା ଯେ ନି’ ଖାଏ
ହେଟା ନି’ କହେବ !

ତାକତ୍ ଦେଖାବାର୍ ବି
ନି ନ’ କିଛୁ
ବାଘ୍ ଭାଲୁ ଯେନ୍‌ମାନେ
ଅଛନ୍, ହେମାନେ
ବଦ୍‌ଲାବାର୍ ଥି ଲାଗିଛନ୍
ରୂପ୍.... ଚେହରା ।



ଆସୁନ୍ ବଲ୍‌ବାର୍‌ଟା ନେଇଁସେ
ଯଉନ୍ ବଲ୍‌ବାର୍‌ଟା ବି ନି ନ’ ଅଧିକାର ।
ଦୁଖର୍ ସୁଖର୍ ନି ନ’ ଖିଆଲ୍ ।

ହେଲେ ସନ୍‌ମାନ୍ ଟିକେ
ଯାହାକେ ଯେନ୍‌ଟା
ମିଲ୍‌ବାର୍ କଥା ନେଇଁ ମିଲ୍‌ଲେ ଲାଗ୍‌ସି ଦୁଖ୍ ବଲତ’ ।

ହେଟା ବି ଆମର୍ ଆଏତେ
ନାଇଁ ନ ଜାନୁଛୁଁ ଯଦର୍‌ଭି
ଜାନିଛୁଁ ସମିଆଁର୍ ଖେଲ୍ ସବୁ ।

ଫେର୍ ବି ତ ଅଛୁଁ
ଅଛୁଁ ଭାଏଦଦା ବଲାବଲି ହେଇକରି
ଆରୁ ଅଛୁଁ ଯେତ୍‌କି ବେଲ୍‌ତକ୍ ହେଟା ନ’ ଆମର୍ ସବୁ ।



ରସରାଜ

ଅଚ୍ୟୁତ ପୁରୋହିତଙ୍କ

## ରସ୍‌ବରା

### ପାୱାର୍ ଭଟ୍


ସବୁବେଲେ ସର୍‌ସତି
କଁଠେ ନାଇଁ ବସନ୍
ଯଦି ବସିଦେଲେ ଭଲୁ ଭଲା
ଖାତା ବୁଲୁଥିସି ଇଆଡ଼େ ସେଆଡ଼େ
କଲମର୍ ଦିଲ୍ ଖୁଲା ।

ଯଦି କେଭେ କେନ୍ତା
ଅକାଲେ ସକାଲେ
ବସିଗଲେ ସର୍‌ସତି
ଖାତା କଲମ୍ ସବୁ ଠିକ୍‌ଠାକ୍ ଥିସନ୍
ହେଲେ ପଲାସି ବିଜଲି ବତି ।

ଫୋନ୍ ଉଠେଇ କରି
ପଚରେଇ ଦେଲେ
ସେ ଆଡୁ କହେସନ୍ ଫଟାଫଟ୍
କାଏଁ ଯେ ଘବରଉଛ
ଇ’ଟା ତ ହୋ’ ବାବୁ
ହେଇଛେ ପାୱାର୍ କଟ୍ ।

ଆସିଗଲେ ଫେର୍
ଖାତା କଲମ୍ ଆନି
ମୁଇଁ ବଏସିଁ ଯେଭେ ଲେଖି
ସେତ୍‌କି ବେଲ୍‌କେ
ଇଲେକ୍ଟ୍ରି ଲାଇନ୍ କେ
ଧରି ଦେସି ବୁକ୍ ବୁକି
ମୁଇଁ ପଚରାଲେ ଫଟା ଫଟ୍
ସେଆଡୁ କହେସନ୍
ପାୱାର୍ କଟ୍ ନୁହେଁ
ଇ’ଟା ତ’ ପାୱାର୍ ସଟ୍ ।

କଟାକଟ୍ ଗଲା
ସଟାସଟ୍ ଗଲା
ଫେର୍ ଯଦି ଗଲା ଲିଭି
ସେଆଡୁ କହେସନ୍
ଛୁଚା ଥି ତମେ ହୋ’
ନାଇଁ ବସ ଆର ଭାବି
ସୁନ ତୁମେ ଚଟାପଟ୍
କଟ୍ ସଟ୍ ନୁହେ
ଇ’ଟା ତ ବାବୁ ହୋ
ହେଇଛେ ପାୱାର୍ ଭଟ୍ ।।



# ରୋଗୀଣା ବୃଦ୍ଧା ମା'ଙ୍କୁ ଚିକିତ୍ସା ପରିବର୍ତ୍ତେ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ହାବୁଡରେ ଛାଡି ଦେଲେ ପରିବାର ଲୋକେ



ବରଗଡ଼, (ନିପ୍ର) : ରୋଗୀଣା ବୃଦ୍ଧା ମା'ଙ୍କୁ ଚିକିତ୍ସା କରାଇବା ପରିବର୍ତ୍ତେ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ହାବୁଡରେ ଛାଡି ଦେଲେ ପରିବାର ଲୋକେ । ଦୀର୍ଘ ୧୫ ଦିନ ଧରି ବାରପାହାଡ ଜଙ୍ଗଲରେ ୮୦ ବର୍ଷୀୟା ବୃଦ୍ଧା ମା' ଏକାକୀ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରିଆସୁଥିଲେ । ବରଗଡ ସଂକଳ୍ପ ପରିବାର ନିକଟକୁ ଏହି ଘଟଣାର ଖବର ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳକୁ ପହଞ୍ଚି ଘଞ୍ଚ ଜଙ୍ଗଲ ଭିତରୁ ବୃଦ୍ଧାଙ୍କୁ ଉଦ୍ଧାର କରି ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପହଞ୍ଚାଇଥିଲେ । ଏପରି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ବରଗଡ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ପଞ୍ଚାୟତ ଘନଘାଟି ଗ୍ରାମରେ । ସୂଚନା ଅନୁସାରେ ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ପଞ୍ଚାୟତ ଘନଘାଟି ଗ୍ରାମର ୮୦ ବର୍ଷର ବୃଦ୍ଧା କୌଶଲ୍ୟା ବେହେରା ଦୁଇ ପୁଅ ଓ ୩ ଝିଅ ଜନ୍ମ କରିଥିବା ମହିଳା ଆଜି ଅଭାଗା । ଝିଅମାନେ ବିବାହ କରିସାରିଥିବା ବେଳେ ବଡ ପୁଅର ମୃତ୍ୟୁ ହୋଇସାରିଛି । ବର୍ତ୍ତମାନ ପରିବାର କହିଲେ କୌଶଲ୍ୟାଙ୍କ ସ୍ୱାମୀ ସହିତ ଘରେ ସାନ ପୁଅ, ବଡବହୁ ଓ ନାତି ନାତୁଣୀ । କିଛି ଦିନ ତଳେ କୌଶଲ୍ୟାଙ୍କ ମୁଣ୍ଡରେ ଘରଛାତ ସହିତ ପୁରା ପରିବାର ରହିଥିଲା ମାତ୍ର ଆଜି କୌଶଲ୍ୟାଙ୍କୁ ଏକାକୀ କରିଦେଇଛି ସେହି ପରିବାର । ବାରପାହାଡ ଜଙ୍ଗଲ ଭିତରେ ଜରିପାଲର ଏକ କୁଡ଼ିଆ କରି ବୃଦ୍ଧାଙ୍କୁ ଏକାକୀ ଛାଡି ଚାଲିଯାଇଛନ୍ତି ପରିବାର ଲୋକେ । ଯେଉଁଠାରେ ବାଘ ଓ ଭାଲୁ ପରି ବନ୍ୟଜନ୍ତୁ ସହିତ ବିଷାକ୍ତ ସାପ ଭରି ରହିଛନ୍ତି । ସୂଚନା ମୁତାବକ କାରଣ ଏହା ଥିଲା ଯେ, ବୃଦ୍ଧା ଜଣଙ୍କର ମୁଣ୍ଡରେ ଘା' ହୋଇ ପୋକ ହୋଇଯାଇଥିଲେ ଏବଂ ହାତରେ ଧଳା ଦାଗ ଦେଖା ଯାଇଥିଲା ଯାହା ଫଳରେ ଘନଘାଟି ଗ୍ରାମବାସୀ ତଥା କୌଶଲ୍ୟା ବେହେରାଙ୍କ ଜାତି ଓ ସମାଜ ଲୋକେ ବୃଦ୍ଧାଙ୍କୁ ଅନ୍ୟତ୍ର ସ୍ଥାନରେ ରଖିବାକୁ ବାଧ କରିଥିଲେ । ଏପରିକି ଜାତି ଲୋକେ ଏହି ପରିବାରକୁ ଗ୍ରାମରୁ ବାସନ୍ଦ କରିଥିଲେ ଏବଂ ବୃଦ୍ଧାଙ୍କୁ ଜଙ୍ଗଲରେ ଛାଡିବା ପରେ ଭୋଜି ଭାତର ଆସର କରି ପୁଣି ଜାତି ଲୋକେ ଏହି ପରିବାର ସହିତ ମିଶିଥିଲେ । ଯାହା ଏହି ଗ୍ରାମବାସୀଙ୍କ ହୀନ ମାନସିକତାର ପରିଚୟ ଅଟେ । ରୋଗୀଙ୍କୁ ଚିକିତ୍ସା ପରିବର୍ତ୍ତେ ଜଙ୍ଗଲରେ ଏକୁଟିଆ ବନ୍ୟଜନ୍ତୁଙ୍କ ହାବୁଡରେ ଛାଡିଦେବା ଘଟଣା ମଣିଷ ସମାଜ ପାଇଁ ଏକ କଳଙ୍କ ଅଟେ । ଯେଉଁ ସମାଜରେ ମାନବ ସେବା ହିଁ ମାଧବ ସେବା ବୋଲି ଆଖ୍ୟା ଦିଆଯାଉଛି ସେହି ସମାଜରେ ପୁଣି ଏପରି ଅମାନବିୟ କାମ ଘୋର ନିନ୍ଦନୀୟ ଅଟେ । ଲଗାତାର ଲାଗି ରହିଥିବା ବର୍ଷାରେ ମଧ ବୃଦ୍ଧା ଜଣକ ଜଙ୍ଗଲ ଭିତରେ ଏକାକୀ ୧୫ ଦିନ ଧରି ବିତାଇବା ପରେ ବୋଧେ ଭଗବାନଙ୍କୁ ଦୟା ଆସିଯାଇଥିଲା ଏବଂ କୌଣସି ମତେ ବରଗଡର ସଂକଳ୍ପ ପରିବାର ନିକଟକୁ ଖବର ପହଞ୍ଚିଥିଲା । ତେବେ ସଂକଳ୍ପ ପରିବାର ଏପରି ଏକ ସଂବେଦନଶୀଳ ଘଟଣାର ଖବର ପାଇବା ମାତ୍ରେ ଘଟଣାସ୍ଥଳକୁ ପହଞ୍ଚି ଆମ୍ବୁଲେନ୍ସ ଡକାଇ ଜଙ୍ଗଲ ଭିତରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ । ଦୀର୍ଘ ୨ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧାଙ୍କୁ ଷ୍ଟ୍ରେଚର ସାହାଯ୍ୟରେ ଜଙ୍ଗଲରୁ ବୋହିକି ଏମ୍ବୁଲେନ୍ସ ପର୍ଯ୍ୟନ୍ତ ସଂକଳ୍ପ ପରିବାରର ସଦସ୍ୟ ମାନେ ଏବଂ ୧୦୮ ଏମ୍ବୁଲେନ୍ସ କର୍ମଚାରୀ ମାନେ ବୋହିକି ଆଣିଥିଲେ । ପରେ ଘନାମାଳ ଠାରେ ରହୁଥିବା ବୃଦ୍ଧାଙ୍କ ସାନପୁଅ ଧନମାଳି ବେହେରାଙ୍କ ପରିବାର ଲୋକଙ୍କୁ ଯାଇ ବୃଦ୍ଧାଙ୍କ ଚିକିତ୍ସା ପାଇଁ ହସ୍ପିଟାଲକୁ ସାଙ୍ଗରେ ଯିବାକୁ ବୁଝାଇଥିଲେ ମାତ୍ର ତାଙ୍କ ପରିବାରରେ ବଡ ବୋହୂ କିମ୍ବା ନାତୁଣୀ କେହି ମଧ ସାଙ୍ଗରେ



ଯିବାକୁ ରାଜି ହୋଇନଥିଲେ । ଶେଷରେ କୌଶଲ୍ୟାଙ୍କ ସାନପୁଅ ଆମ୍ବୁଲେନ୍ସ ସଙ୍ଗେ ଖେଦାପାଲି ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ ।

ତେବେ ଖବର ପାଇବା ମାତ୍ରେ କାଳ ବିଳମ୍ବ ନକରି ଠିକ ସମୟରେ ସଂକଳ୍ପ ପରିବାର ଘଞ୍ଚ ଜଙ୍ଗଲ ଭିତରୁ ବୃଦ୍ଧାଙ୍କୁ କଷ୍ଟଦାୟକ ମୃତ୍ୟୁ ମୁଖରୁ ଉଦ୍ଧାର କରି ୮୦ ବର୍ଷ ବୟସରେ ବୃଦ୍ଧାଙ୍କୁ ନୂତନ ଜୀବନ ପ୍ରଦାନ କରି ପାରିଥିବାରୁ ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି । ଏହି ଉଦ୍ଧାର କାର୍ଯ୍ୟରେ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ରୋହିତ ଜସ୍ୱାଲ, ନିଧାନ ଦନ୍ତା, ଜି. ରମେଶ, ଅସିତ ଭୋଇ ଓ ହରିସ ନାଏକ ଯୋଗଦାନ କରି ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ ।

# ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ



ବରଗଡ଼, (ନିପ୍ର) : ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ କେନ୍ଦ୍ର ଖେଳ ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟର ବରଗଡ଼ ସ୍ଥିତ ନେହେରୁ ଯୁବକ କେନ୍ଦ୍ର ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ ଫର୍ ରନ୍ କାର୍ଯ୍ୟକ୍ରମ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ଆୟୋଜିତ ହୋଇଯାଇଛି । ଏହି ଦୌଡକୁ ବରଗଡ଼ ସାଂସଦ ସୁରେଶ ପୂଜାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ଭାରତ ସମୃଦ୍ଧ ଭାରତ ଗଠନରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ନିଜେ ସୁସ୍ଥ ରହିଲେ ସମାଜ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ ଯୋଗଦେଇ ଜୀବନରେ ନେତୃତ୍ୱର ବିକାଶ ସଂପର୍କରେ ମତପ୍ରକାଶ କରିଥିଲେ । ସେହିପରି ଅନ୍ୟ ଅତିଥିମାନଙ୍କ ମଧରେ ଜିଲ୍ଲା କ୍ରୀଡା ଅଧିକାରୀ ତୁଷାର କାନ୍ତି ମିଶ୍ର, ନେହେରୁ ଯୁବକ କେନ୍ଦ୍ରର କ୍ରୀଡା ଅଧିକାରୀ ରୋସନ ଟଣ୍ଡନ, ଆନ୍ତର୍ଜାତିକ ପର୍ବତାରୋହୀ ସୁଶ୍ରୀ ଲିପିକା ସେଠ, ଭାଜପା ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାକୁ ନେହେରୁ ଯୁବକ କେନ୍ଦ୍ରର ସଂଯୋଜକ ତ୍ରିଲୋଚନ ଶତପଥୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀମାନଙ୍କ ସମେତ ଜିଲ୍ଲାର ୧୨ଟି ବ୍ଲକରୁ ଯୁବକ, ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ ।

# କୋଭିଡ ଟିକାକରଣ କେନ୍ଦ୍ର ପରିଦର୍ଶନ



ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ସମ୍ପୂର୍ଣ୍ଣ ଭାବେ ଲୋକଙ୍କୁ ଟିକାକରଣ ସୁବିଧାକୁ ଦୃଷ୍ଟିରେ ରଖି ପାଇକମାଲରେ ଦୁଇଟି, ମାଣ୍ଡୋସିଲରେ ଗୋଟିଏ, ଲଖମରାରେ ଗୋଟିଏ ଏବଂ ହେର୍ଡକ୍ୱାଟର ବୁକୁରାମୁଣ୍ଡାରେ ସମୁଦାୟ ୫ ଗୋଟି କୋଭିଡ ଟିକାକରଣ ଶିବିର ଆୟୋଜନ କରାଯାଉଛି ବୋଲି ବୁକୁରାମୁଣ୍ଡା ଗୋଷ୍ଠୀ ପିଏଚଓ ତୁଷ କୁମାର ଚନ୍ଦ୍ରକାର ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ଏ ପରିପ୍ରେକ୍ଷୀରେ ସରକାରଙ୍କ ନିୟମାନୁସାରେ ସମସ୍ତେ ଟିକା ନେଇ ପାରିବେ ଏପରିକି ଗର୍ଭବତୀ ମହିଳାଙ୍କୁ ମଧ ଏଇ ମହାମାରୀ କରୋନା ଟିକା ଦିଆଯିବ ବୋଲି ନିର୍ଦ୍ଦେଶ ଆସିବା ପରେ ଗର୍ଭବତୀ ମହିଳାମାନେ ଉତ୍ସାହର ସହ ଟିକାକରଣ କେନ୍ଦ୍ରରେ ଆସି କୋଭିଡ ଟିକା ନେଉଥିବାର ସୂଚନା ମିଳୁଛି । ଟିକାକରଣ କେନ୍ଦ୍ରକୁ ଆଜି ବୁକୁରାମୁଣ୍ଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ କବିତାଞ୍ଜଳି ଦାଶ ଅଚାନକ ପହଞ୍ଚି ଅଯଥାଟାରେ ଭିଡ଼ ନ ଜମାଇ ଶୃଙ୍ଖଳିତ ଭାବେ ଧାଡ଼ି ହୋଇ ଟିକାକରଣ କେନ୍ଦ୍ରରେ ଟିକା ଦେଉଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଦ୍ୱୟଙ୍କୁ ସହାୟତା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ସମେତ ଗର୍ଭବତୀ ମହିଳା ମାନେ ଯେଉଁମାନେ ଟିକା ନେଇ ସାରିଛନ୍ତି କିମ୍ବା ନେବାକୁ ଧାଡ଼ିରେ ଅପେକ୍ଷା କରିଛନ୍ତି ସେମାନେ ଟିକା ନେଇ ସାରିଲା ପରେ ଅଧଘଣ୍ଟା ବିଶ୍ରାମ ନେଇ ଯାଇ ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଜଣାଇଥିଲେ । ଆଜି ଟିକାକରଣ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ବେହେରା ଲୋକଙ୍କୁ କୋଭିଡ ଟିକା ଦେଉଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ଅନୀତା ବାରିକ ଲୋକଙ୍କ ନାମ ପଞ୍ଜିକରଣ କରିବାର ଦେଖିବାକୁ ମିଳିଥିଲା । ସମୁଦାୟ ୨୦୪ ଜଣଙ୍କୁ କୋଭିଡ ଟିକା ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ୧୮ ଜଣ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଇଥିଲା ।

# ନୃସିଂହନାଥ ପୀଠରେ ବିଜେପିର ସେବା ଓ ସମର୍ପଣ ଅଭିଯାନ



ପଦ୍ମପୁର, (ନିପ୍ର) : ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୧ତମ ଜନ୍ମ ଦିବସକୁ ବିଜେପି ସାରା ଭାରତ ବର୍ଷରେ ସେବା ଓ ସମର୍ପଣ ଅଭିଯାନ ଭାବେ ପାଳନ କରୁଅଛି ।

ସେପ୍ଟେମ୍ବର ୧୭ ମୋଦୀଙ୍କ ଜନ୍ମ ଦିବସରୁ ଅକ୍ଟୋବର ୭ ତାରିଖ ଯାଏଁ ଏହି ଅଭିଯାନ ଚାଲୁ ରହିବ ସୈନିକ ଓ କିଷାନଙ୍କୁ ସମ୍ବର୍ଦ୍ଧନା, ବୃକ୍ଷ ରୋପଣ, ରକ୍ତଦାନ ଶିବିର ଆୟୋଜନ, ଦୁସ୍ଥ ଓ ଅସହାୟଙ୍କୁ ଫଳ ଶୁଖିଲା ଖାଦ୍ୟ ବଣ୍ଟନ, ବିଭିନ୍ନ ଆଲୋଚନା ଚକ୍ର ଆୟୋଜନ, ସ୍ୱଚ୍ଛତା ଉପରେ ଗୁରୁତ୍ୱ, ସ୍ଥାନୀୟ ଅଞ୍ଚଳରେ ଥିବା ପୂଜ୍ୟପୂଜା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସମେତ ଅନେକ ସେବା ମୂଳକ କାମ ହାତକୁ ନିଆଯାଇଛି ବୋଲି ବରଗଡ ଜିଲ୍ଲା ଉପସଭାପତି ତଥା ଉକ୍ତ ଅଭିଯାନର ସକ୍ରିୟ ଦାୟିତ୍ୱ ଥିବା ସରୋଜ ସାମଲ ପ୍ରକାଶ କରିଛନ୍ତି । ଗତକାଲି ଜିଲ୍ଲା ସ୍ତରରେ କୃଷକ ମୋର୍ଚ୍ଚା ତରଫରୁ ସୈନିକ ଓ କିଷାନ ଦିବସ ପାଳନ କରି କୃଷକ ଓ ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଆଜି ପାଇକମାଲ ଠାରେ ସ୍ୱଚ୍ଛ ଭାରତ ମିଶନର ଜିଲ୍ଲା ସଂଯୋଜକ ସତ୍ୟ ନାରାୟଣ ବେହେରାଙ୍କ ନେତୃତ୍ୱରେ ନୃସିଂହନାଥ ପୀଠରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ପରିସରକୁ ସଫା କରିବା ସହ ପ୍ରତିମୂର୍ତ୍ତିରେ ସ୍ଥାନୀୟ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିସରକୁ ଆସି ସ୍ୱାଧୀନତା ସଂଗ୍ରାମୀ, ବହ୍ନିକନ୍ୟା ତଥା ଅନୁଷ୍ଠାନର ପ୍ରତିଷ୍ଠାତା ମାଆ ପାର୍ବତୀ ଗିରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଅନୁଷ୍ଠାନର କୁନିକୁନି ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ସରୋଜ ସାମଲ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ମିଶ୍ର, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ, ପାଇକମାଲ ମଣ୍ଡଳ ସଭାପତି କୈଳାସ ଦିଶ୍ରୀ, ପାଇକମାଲ ସାଂସଦ ପ୍ରତିନିଧି ବଳରାମ ସାହୁ, ସୁଶାନ୍ତ ନାଗ, ଦିବାକର ତାଣ୍ଡି, ରାଜ ମହମ୍ମଦ, ରୋଶନ ପାଣିଗ୍ରାହୀ, ଇନ୍ଦ୍ରଜିତ ଭୋଇ, ଯୋଗେନ୍ଦ୍ର ଭୋଇ, ହରେକୃଷ୍ଣ ସୁନା, ଅଜୁ ସେଠ, ମନୋଜ କୁମ୍ଭାର, ସୁବାଷିନୀ ପ୍ରଧାନ, ମାଧବି ପ୍ରଧାନ, ନୀତିଶ ସାହୁ, ଉମାକାନ୍ତ ସେଠ ସମେତ କାର୍ଯ୍ୟକର୍ତ୍ତା ଉକ୍ତ ଅଭିଯାନରେ ସାମିଲ ହୋଇଥିଲେ ।


# ପୋଖରୀରେ ବୁଡି ଦୁଇ ଶିଶୁପୁତ୍ରଙ୍କ ମୃତ୍ୟୁ, ନାଗଣ ଗ୍ରାମରେ ଶୋକାକୁଳ ପରିବେଶ




ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଧାନକେରା ଗ୍ରାମପଚାଂୟତ ନାଗଣ ଗ୍ରାମରେ ଶୁକ୍ରବାର ଦୁଇଜଣ ଶିଶୁପୁତ୍ର(ଦୁଇ ଭାଇ) ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଖବର ମିଳିଛି । ମୃତ ଦୁଇ ଶିଶୁ ଜଣକ ହେଲେ ନାଗଣ ଗ୍ରାମର ସଦାଶିବ ପ୍ରଧାନଙ୍କ ଦୁଇ ଶିଶୁ ପୁତ୍ର ସତ୍ୟଜିତ ପ୍ରଧାନ(୭) ଓ ଶୁଭ୍ରଜିତ ପ୍ରଧାନ (୩) । ତେବେ ସତ୍ୟଜିତ ଓ ଶୁଭ୍ରଜିତ ଘର ପାଖରେ ଖେଳୁଥିବା ବେଳେ ନିକଟସ୍ଥ ପୋଖରୀରେ ପଡି ବୁଡି ଯାଇଥିଲେ । ପିଲାଙ୍କୁ ନ ପାଇବାରୁ ପରିବାର ଲୋକେ ନିକଟସ୍ଥ ନଦୀ ଓ ପୋଖରୀ ଖୋଜା ଖୋଜି କରିଥିଲେ । ପୋଖରୀରୁ ଦୁଇ ଭାଇଙ୍କୁ ପାଇ ତୁରନ୍ତ ନିକଟସ୍ଥ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇ ନେଇଥିଲେ । କିନ୍ତୁ ଦୁଇ ଶିଶୁଙ୍କ ଅବସ୍ଥା ଗୁରୁତ୍ୱର ହେତୁ ସେଠାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା । ଦୁଃଖର ବିଷୟ ସେଠାରେ ଡାକ୍ତର ଶିଶୁଦ୍ୱୟଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ମୃତ୍ୟ ଖବର ପାଇ ସମଗ୍ର ଅଚଂଳରେ ଶୋକର ଛାୟା ଖେଳି ଯାଇଥିଲା ।

# ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଟିଟିଲାଗଡ଼ ଗସ୍ତ : ରଣ ଛାଡ ଘୋଷଣା କରିବେ କି ମୁଖ୍ୟମନ୍ତ୍ରୀ, ଚାଷୀ ମହଲରେ ଆଲୋଚନା

ଟିଟିଲାଗଡ଼, (ନିପ୍ର) : ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟିଟିଲାଗଡ ଗସ୍ତ କାର୍ଯ୍ୟକ୍ରମ ରହିଛି । ଏନେଇ ପ୍ରଶାସନିକ ଅଧିକାରୀ ତଥା ଶାସକ ଦଳ ନେତାଙ୍କ ମଧରେ ଜୋର ଉତ୍ସାହ ଦେଖିବାକୁ ମିଳିଛି । ତେବେ ତତଲାଗଡ ଭାବରେ ପରିଚିତ ଟିଟିଲାଗଡ ଅଞ୍ଚଳର ଚାଷୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ନେଇ ଅଧିକ ଆଶାବାଦୀ ହୋଇପଡିଥିବା ପରଲିକ୍ଷିତ ହୋଇଛି । ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ଅନେକ ଚାଷୀଙ୍କ ଆଶା ରହିଛି ଯେ, ମୁଖ୍ୟମନ୍ତ୍ରୀ



ଉକ୍ତ ଅଞ୍ଚଳ ଗସ୍ତ ସମୟରେ ଚାଷୀଙ୍କ ରଣ ଛାଡ ତଥା ମରୁଡି ଘୋଷଣା କରିବେ କି ବୋଲି ଅନେକ ଆଲୋଚନା ଜୋର୍ ଧରିଛି ।

## ଅସହାୟଙ୍କ ଶବ ସତ୍କାର କଲା ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟିଟିଲାଗଡର ଏଲ୍ ଅନିଲ କୁମାର ଏବଂ ତାଙ୍କ ଭଉଣୀ ଏଲ ଶାନ୍ତି ଏକା ସଙ୍ଗରେ ରହୁଥିଲେ ।

ଅନିଲ ଡାଇଲେସିସ୍ ପାଇଁ ଗତକାଲି ବଲାଙ୍ଗିର ଡାକ୍ତରଖାନାକୁ ଆସିଥିବା ବେଳେ ଆଜି ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଭଉଣୀ ଖବର ପାଇ ବଲାଙ୍ଗିର ଆସିଥିଲେ । ଟିଟିଲାଗଡ଼ରେ ତାଙ୍କର କେହି ନ ଥିବାରୁ ଶବ ସତ୍କାର ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଯାଇଥିଲା । କାନ୍ଦି କାନ୍ଦି ହସ୍ପିଟାଲ ପରିସରରେ ଦୀର୍ଘ ପାଞ୍ଚ ଘଣ୍ଟା ରହିଥିବା ପରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସଦସ୍ୟ ମାନଙ୍କୁ ଏହି ଖବରଟି ଆସିଥିଲା । ଅନୁଷ୍ଠାନର କର୍ମକର୍ତା ମାନେ ସଂଗେ ସଂଗେ ପହଂଚି ଡାକ୍ତରଖାନାରୁ ଶବ ଆଣି ସ୍ଥାନୀୟ ବିଭୁତିପଡା ଶ୍ମଶାନରେ ସସମ୍ମାନେ ଶବ ସତ୍କାର କରିଥିଲେ । ପରେ ତାଙ୍କ ଭଉଣୀଙ୍କୁ ମଧ ଟିଟିଲାଗଡ଼ ପଠାଇବାର ବ୍ୟବସ୍ଥା କରିଥିଲେ । ଏହି ମହତ କାର୍ଯ୍ୟରେ ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ନେତୃତ୍ୱରେ କୁନାଲ ସରକାର, ପ୍ରିତମ ବରାଡ, ରୋଶନ ସୁନା, ହେମନ୍ତ ଛୁରିଆ, କନ୍ଦର୍ପ ରଣା, ବୀରେନ୍ଦ୍ର ସାହୁ, ଅଲିମ ନାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ସାମ୍ବାଦିକଙ୍କ ବିରୁଦ୍ଧରେ ରୁଜୁ ମିଥ୍ୟା ମାମଲା ପ୍ରତ୍ୟାହାର ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିବେଦନ କଲା ଉତ୍କଳ ସାମ୍ବାଦିକ ସଂଘ

Regd. No.-819
Estd. 1945
ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା
उत्कल पत्रकार संघ, ओडिशा
UTKAL JOURNALISTS ASSOCIATION, ODISHA

ବଲାଙ୍ଗିର, (ନିପ୍ର) : କାର୍ଯ୍ୟରତ ସାମ୍ବାଦିକଙ୍କ ବିରୁଦ୍ଧରେ ରୁଜୁ ମିଥ୍ୟା ମାମଲା ପ୍ରତ୍ୟାହାର ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ଓଡିଶା ସାମ୍ବାଦିକ ସଂଘ ରାଜ୍ୟ ଶାଖା ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ, ଓଡିଶାଙ୍କୁ ପତ୍ରଲେଖି ନିବେଦନ କରାଯାଇଛି । ସାମ୍ବାଦିକଙ୍କ ଅଭିଯୋଗ ଅନୁସାରେ ଗତ ଅଗଷ୍ଟ ମାସ ୨ ତାରିଖରେ ପାଟଣାଗଡର ୩ ଜଣ ସାମ୍ବାଦିକ ଅଭିଯୋଗ ସମ୍ବନ୍ଧୀୟ ପ୍ରତିକ୍ରିୟା ନେବା ପାଇଁ ଖପ୍ରଖୋଲ ରେଞ୍ଜରଙ୍କ ପାଖକୁ ଯାଇଥିବା ବେଳେ ସେଠାରେ ରେଞ୍ଜର ଶ୍ରୀବତ୍ସ କୁମୁରା ପ୍ରତିକ୍ରିୟା ଦେବା ବଦଳରେ ଉତ୍‌କ୍ଷୀପ୍ତ ହୋଇ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହାର ଭିଡିଓ ସେହି ସମୟରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା । ଏ ଘଟଣା ସଂମ୍ପର୍କରେ ସଂପୃକ୍ତ ସାମ୍ବାଦିକମାନଙ୍କ ତରଫରୁ ଖପ୍ରଖୋଲ ଥାନାରେ ଏକ ମାମଲା ଦାୟର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ରେଞ୍ଜର କାର୍ଯ୍ୟରତ ସାମ୍ବାଦିକମାନଙ୍କ ଉପରେ ଏଟ୍ରୋସିଟି କେସ୍ ରୁଜୁ କରିଥିଲେ । ତେବେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପୂର୍ବକ ସଂପୃକ୍ତ ରେଞ୍ଜରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟରତ ସାମ୍ବାଦିକଙ୍କ ବିରୁଦ୍ଧରେ ରୁଜୁ ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ଉତ୍କଳ ସାମ୍ବାଦିକ ସଂଘ, ଓଡିଶା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ପତ୍ର ମାଧ୍ୟମରେ ନିବେଦନ କରାଯାଇଥିବା ଜଣାପଡିଛି ।




## ବଲାଙ୍ଗିର ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ କମିଟିର ବୈଠକ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ କମିଟିର ଏକ ବୈଠକ ସଭାପତି ଛାୟାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଂପାଦକ କୁଶଧ୍ୱଜ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ନିକଟ ଭବିଷ୍ୟତରେ ଆଲୋଚନା କରି ସମସ୍ୟାର ସମାଧାନର ମାର୍ଗ ପ୍ରଦର୍ଶନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ସାମ୍ବିଧାନିକ ସମ୍ମିଳନୀ ଆସନ୍ତା ୦୩/୧୦/୨୦୨୧ରେ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି । ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ପ୍ରାକ୍ତନ ସଭାପତି ପୁରନ୍ଦର ଦାସ, ପ୍ରାକ୍ତନ ଓଷ୍ଟା କାର୍ଯ୍ୟକାରିଣୀ ସଭାପତି ସୁଧାଂଶୁ ଶେଖର ବାବୁ ଉପସ୍ଥିତ ଥିଲେ । ନୂତନ ଅନୁଦାନ ପ୍ରାପ୍ତ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ପାଇଁ ପୁନଃ ଥଇଥାନ ବ୍ୟବସ୍ଥା କରିବା ପାଇଁ ଉଚ୍ଚ ନ୍ୟାୟାଳୟ, ଓଡିଶା ସରକାରଙ୍କୁ ଆଦେଶ ଦେଇଥିବା ଯୋଗୁଁ ସମସ୍ତ ସଭ୍ୟ ଆନନ୍ଦ ପ୍ରକାଶ କରିଥିଲେ । ଶିକ୍ଷକମାନଙ୍କ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ବ୍ୟବସ୍ଥା ନିକଟ ଭବିଷ୍ୟତରେ ଫଳବତି ହେବାର ଆଶା ପ୍ରକାଶ କରିଥିଲେ । ଶେଷରେ ସଭାପତି ଧନ୍ୟବାଦ ଦେଇ ଯୁଗ୍ମ ସମ୍ପାଦକ ଅବନି ତ୍ରିପାଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ୱତନ୍ତ୍ର ଆଇନ ସଚେତନତା ଶିବିର



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଲୋକନାଥ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ ବଡ଼ବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରାଧିକରଣର ସଚିବ ଦେବାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ପ୍ରାଧିକରଣ ସଚିବ ସ୍ୱାଗତ ଭାଷଣ ଦେବା ସହିତ ପ୍ରାଧିକରଣ ଦ୍ୱାରା ପରିଚାଳିତ ବିଭିନ୍ନ ଜନାଭିମୁଖୀ ମାଗଣା ଆଇନ ସହାୟତା ଯୋଜନା ଗୁଡ଼ିକ ସଂପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ଉପସ୍ଥିତ ଥିବା ଜନସାଧାରଣଙ୍କର ସମସ୍ୟା ସମ୍ବନ୍ଧରେ ଅବଗତ ହେବା ସହିତ ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ଆଇନ ଅନୁଯାୟୀ ବ୍ୟବସ୍ଥା କରିଥିଲେ । ଏହାପରେ ପ୍ରାଧିକରଣର ପିଏଲ୍‌ଭି ଶ୍ରୀମତୀ ବିଦ୍ୟୁତଲତା ଖମାରୀ ପ୍ରାଧିକରଣର ଆଇନ ସହାୟତା ଦ୍ୱାରା ଉପକୃତ ହୋଇଥିବା ଲୋକଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ସମାଜରେ ଥିବା ଅବହେଳିତ, ଦଳିତ ଏବଂ ବିଭିନ୍ନ ବର୍ଗର ଲୋକମାନେ କିପରି ଏହି ଆଇନ ସହାୟତାର ଲାଭ ଉଠାଇ ପାରିବେ ତାହା ବର୍ଣ୍ଣନା କରିଥିଲେ । ଏହାପରେ ପ୍ରାଧିକରଣର ପାନେଲ୍ ଲୟର ଦୀନବନ୍ଧୁ ବଗର୍ତ୍ତି ବିଭିନ୍ନ ଆଇନ ସମ୍ବନ୍ଧରେ ସଚେତନତା ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ଦାଶ ଏବଂ ସରପଞ୍ଚ ଧ୍ରୁବେଇ ଚନ୍ଦ୍ର ରାଉତ ପଞ୍ଚାୟତବାସୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏହି ଶିବିରକୁ ଆୟୋଜନ କରିବାରେ ପଞ୍ଚାୟତର ସମସ୍ତ କର୍ମଚାରୀ ଓ ପ୍ରାଧିକରଣର ପିଏଲ୍‌ଭି ପ୍ରକାଶ ସେଠ୍ ସହଯୋଗ କରିଥିଲେ ।

## ବଢୁଛି ସହର ଭିତରେ କୁଚିଆ ମଦ ବିକ୍ରି : ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନୀରବ ଦ୍ରଷ୍ଟା

ବଲାଙ୍ଗିର, (ନିପ୍ର) : ବଢ଼ି ଚାଲିଛି ସହର ଭିତରେ କୁଚିଆ ମଦ ବିକ୍ରି । କିନ୍ତୁ ଦୁଃଖର ବିଷୟ ଯେ, ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିଥିବା ସାଧାରଣରେ ଆଲୋଚନା ହେଉଛି । ସବୁଠାରୁ ଅଶ୍ଚର୍ଯ୍ୟର ବିଷୟ ଯେ, ସ୍ଥାନୀୟ ଆଦର୍ଶ ଟାଉନ୍ ଥାନା ଆଖପାଖ ଅଂଚଳରେ ଖୋଲମ୍‌ଖୋଲା ଦେଶୀ ମଦ ବିକ୍ରି ହେଉଥିବା ବେଳେ ବେଆଇନ ସଟ୍ଟା ଖେଳ କାରବାର ଜୋର୍‌ସୋର୍‌ରେ ଚାଲିଛି । କିନ୍ତୁ ସବୁ ଜାଣିଶୁଣି ପୋଲିସ ଚୁପ୍ ହୋଇ ବସିଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ସହର ମୁଣ୍ଡରେ ଥିବା ଲାଲ୍‌ଟିକ୍ରାରେ ସଦର ଥାନା ପାଖାପାଖି ଅଂଚଳ ସଂଧ୍ୟା ବେଳେ ମଦ ବାସ୍ନାରେ ଫାଟି ପଡୁଥିବା ବେଳେ ଏଥିପ୍ରତି ପୋଲିସ ନଦେଖିବା ଭଳି ଅଭିନୟରେ ବ୍ୟସ୍ତ ରହିଛି । ଏଠାରେ ସୂଚନାଯୋଗ୍ୟ ଯେ, ସହରର ପ୍ରତ୍ୟେକ ଗଳି କନ୍ଦିରେ ଦେଶୀ ବିଦେଶୀ ମଦ ଫୁଲ୍ ଦମ୍‌ରେ ଉପଲବ୍ଧ ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ସହରରେ ବଢ଼ି ଚାଲିଛି ଚୋରି, ଡକାୟତି ତଥା ଛିନ୍‌ତାଇ ଘଟଣା । ପୁଣି ଦିନକୁ ଦିନ ବଢୁଛି ହିଂସାତ୍ମକ ଘଟଣା । ଏହିସବୁ ବିଶୃଙ୍ଖଳିତ ପରିସ୍ଥିତି ପାଇଁ ଏଭଳି ଖୋଲମ୍‌ଖୋଲା ମଦ କାରବାର ତଥା ସଟ୍ଟା କାରବାର ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଥିବା ବେଳେ ପ୍ରଶାସନର ନୀରବତା ଏମାନଙ୍କୁ ବେଶ୍ ସୁହାଉଛି ବୋଲି କୁହାଯାଉଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com
Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com
ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu